

ଯା ଦେବୀ ସର୍ବଭୂତେଷୁ...

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ❑ ଶୁକ୍ରବାର ୧୨ ଜୁନ୍ ୨୦୨୬ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ FRIDAY 12 June 2026

Vol.No. 36 ■ No.154 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ନାମଲେଖା ଚାଲୁଅଛି-୨୦୨୬

ସାଇ ସାଧନା ସେବାଶ୍ରମ

ଦିବ୍ୟସିଂହପୁର, ଉଦଳା, ମୟୂରଭଞ୍ଜ

(+୨ ବିଜ୍ଞାନ, +୨ କଳା ଏବଂ +୩ ବିଜ୍ଞାନ)

୧୦୦% ପ୍ରତିଶତ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ-୨୦୨୬

Only for ST/SC Students

(Not for Service Holders)

ଖାଇବା ରହିବା ସମ୍ପୂର୍ଣ୍ଣ ମାଗଣା

Contact No: 9437294587, 9437443950, 9937557158


# ଇରାନକୁ ପୁଣି ଚେତାବନୀ ଦେଲେ ଟ୍ରମ୍ପ: ହେବ ବଡ଼ ଆକ୍ରମଣ

ନୂଆଦିଲ୍ଲୀ,୧୧/୬ : ହର୍ମୁଜ ପ୍ରଣାଳୀରୁ ଭାରତ ପାଇଁ ଆସିଲା ଦୁଃଖଦ ଖବର । ଓମାନ ଉପକୂଳରେ ଏକ ଜାହାଜ ଉପରେ ଆମେରିକାର ଆକ୍ରମଣରେ ୨ ନାବିକଙ୍କ ସହ ତିନି ଜଣ ଭାରତୀୟଙ୍କ ମୃତ୍ୟୁ । ମୃତକଙ୍କ ମଧ୍ୟରେ ଜାହାଜର ମୁଖ୍ୟ ଇଞ୍ଜିନିୟର । ଓମାନ ଉପକୂଳରେ ଏକ ଭାରତୀୟ ବାଣିଜ୍ୟିକ ଜାହାଜ 'ସେଙ୍ଗେବେଲ୍ଲୋ' ଉପରେ ବୁଧବାର ହୋଇଥିବା ଆକ୍ରମଣରେ ୩ ଜଣ ଭାରତୀୟଙ୍କ ମୃତ୍ୟୁ ହୋଇଛି । ଭାରତୀୟ ଜାହାଜ ଉପରେ ଏଭଳି ଲଗାତାର ଆକ୍ରମଣକୁ ଭାରତ ତୀବ୍ର ବିରୋଧ କରିଛି । ଆକ୍ରମଣ ସମୟରେ ଜାହାଜରେ ୨୪ ଜଣ ଭାରତୀୟ ନାଗରିକ ଥିଲେ। ସେମାନଙ୍କ ମଧ୍ୟରୁ ୨୧ ଜଣଙ୍କୁ ଉଦ୍ଧାର



କରାଯାଇଛି। କିନ୍ତୁ ୩ ଜଣଙ୍କର କିଛି ପତ୍ତା ମିଳୁନଥିଲା। ପରେ ସେମାନଙ୍କର ମୃତଦେହ ଠାବ ହୋଇଛି । ଘଟଣା ପରେ ବୈଦେଶିକ ବ୍ୟାପାର ମନ୍ତ୍ରାଳୟ ଆମେରିକା ରାଷ୍ଟ୍ରଦୂତଙ୍କୁ ସମନ ଜାରି କରିଛି । ଏପଟେ ଆମେରିକା-ଇରାନ ମଧ୍ୟରେ ଆରମ୍ଭ ହୋଇଗଲାଣି ଭୀଷଣ ଯୁଦ୍ଧ। ସାମରିକ ଉତ୍ତେଜନା ମଧ୍ୟରେ, ଇରାନର ଇସଲାମିକ୍ ରିଭୋଲ୍ୟୁସନାରୀ ଗାର୍ଡ କର୍ପସ ହର୍ମୁଜ ପ୍ରଣାଳୀକୁ ବନ୍ଦ କରିବାକୁ ଘୋଷଣା କରିଛି । ଇରାନ ଚେତାବନୀ ଦେଇଛି ଯେ ଏହି ପଥ ଦେଇ ପରିବହନ କରିବାକୁ ଚେଷ୍ଟା କରୁଥିବା ଯେକୌଣସି ଜାହାଜକୁ ଟାର୍ଗେଟ କରାଯାଇପାରେ । ଆଇଆରଜିସି ଏକ ବିବୃତ୍ତିରେ କହିଛି ଯେ ଏହି ଅଞ୍ଚଳରେ ବୃଦ୍ଧି ପାଉଥିବା ବିପଦ ଏବଂ ଆମେରିକାର ସାମରିକ ଆକ୍ରମଣ ପରେ ଏହି ନିଷ୍ପତ୍ତି ନିଆଯାଇଛି । ତୈଳ ଟ୍ୟାଙ୍କର, ମାଲବାହୀ ଜାହାଜ ଏବଂ ଅନ୍ୟ ସମସ୍ତ ପ୍ରକାରର ସାମୁଦ୍ରିକ ଜାହାଜର ଗତିବିଧି ତୁରନ୍ତ ବନ୍ଦ କରାଯାଇଛି । ଇରାନୀ ଗଣମାଧ୍ୟମ ଅନୁଯାୟୀ, ହର୍ମୁଜ୍ ପ୍ରଣାଳୀରେ ଆମେରିକୀୟ ନୌସେନା ଏବଂ ଆଇଆରଜିସି ନୌସେନା ମଧ୍ୟରେ ଗୁଳି ବିନିମୟ ହୋଇଛି । ଏଥିସହ ଆଇଆରଜିସି ନୌସେନା ଦାବି କରିଛି ଯେ ବିନା ଅନୁମତିରେ ପରିବହନ କରିବାକୁ ଚେଷ୍ଟା କରୁଥିବା ଦୁଇଟି ଜାହାଜକୁ ଟାର୍ଗେଟ କରାଯାଇଛି ।

# ୨ ବର୍ଷର ସଫଳତା ବଖାଣିବେ ମୋହନ ସରକାର



ଭୁବନେଶ୍ୱର, ୧୧/୬ (ନି.ପ୍ର): ରାଜ୍ୟରେ ବିଜେପି ସରକାରକୁ ଆସନ୍ତାକାଲି ପୂରିବ ୨ ବର୍ଷ । ଏହି ଦୁଇବର୍ଷରେ ସରକାରଙ୍କର କ'ଣ କ'ଣ ଉପଲବ୍ଧି ରହିଛି, ତାକୁ ନେଇ ଶାସନକଳରେ ଚାଲିଛି ବ୍ୟାପକ ପ୍ରସ୍ତୁତି । ପଞ୍ଚାୟତରୁ ଜିଲ୍ଲାସ୍ତର ପର୍ଯ୍ୟନ୍ତ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରି ଲୋକଙ୍କ ଆସ୍ଥା ଜିଣିବାକୁ ମୋହନ ସରକାର ପ୍ରସ୍ତୁତି କରୁଛନ୍ତି। ରାଜ୍ୟରେ ବିଜେପି ସରକାରକୁ ଆସନ୍ତାକାଲି ପୂରିବ ୨ ବର୍ଷ । ଏହି ୨ ବର୍ଷରେ ମୋହନ ସରକାରଙ୍କ କ'ଣ ସବୁ ଉପଲବ୍ଧି ରହିଛି, ରାଜ୍ୟବାସୀଙ୍କ ଆଗରେ ସବୁ ତଥ୍ୟ ରଖିବେ ମୁଖ୍ୟମନ୍ତ୍ରୀ । ୨୦୨୪ ଜୁନ୍ ୧୨ ତାରିଖରେ ମୋହନ ମାଝୀ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇ ନେଇ ଶ୍ରୀମନ୍ଦିର ଚାରିଦ୍ୱାର ଖୋଲିବା ପାଇଁ ନିଷ୍ପତ୍ତି ନେଇଥିଲେ । ଏହାପରେ ପ୍ରଥମ କ୍ୟାବିନେଟରେ ସୁଭଦ୍ରା ଯୋଜନାକୁ ମଞ୍ଜୁରି ଦେଇଥିଲେ । ଏହା ପରବର୍ତ୍ତୀ ସମୟରେ ସରକାରଙ୍କ ଫ୍ଲାଗସିପ୍ ଯୋଜନା ଭାବେ ଚାଲିଛି । ଗୋଟେ ପଟେ ସରକାର, ତାଙ୍କ ସଫଳତାର କଥା ବଖାଣୁଥିବା ବେଳେ ବିରୋଧୀ କିନ୍ତୁ ବିଫଳତାର ଦିବସ କଥା କହୁଛନ୍ତି । ଯାହାକୁ କାଉଣ୍ଟର କରିଛନ୍ତି ରାଜ୍ୟ ବିଜେପି ସଭାପତି। ୧୫ ବର୍ଷ ବନାମ ୨ ବର୍ଷର ହିସାବ ଦେଇ ମନମୋହନ କହିଛନ୍ତି, ବିରୋଧୀ ଗତ ୧୫ ବର୍ଷରେ କ'ଣ କ'ଣ ସଫଳତା ଦେଖାଇଛନ୍ତି, ତାହା କହିବା ପରେ ନୈତିକତା ଦୃଷ୍ଟିରୁ ପ୍ରଶ୍ନ କରିବେ। ସେମାନେ ଚାଷୀଙ୍କୁ ୧୦ ଟଙ୍କା ବି ବୋନସ୍ ଦେଇନଥିଲେ । କିନ୍ତୁ ବିଜେପି ସରକାର ଆସିବା ପରେ ଚାଷୀଙ୍କୁ ୩୧ ଶହ ଟଙ୍କା ଇନପୁଟ ସବ୍‌ସିଡି ଦିଆଯାଉଥିବା ମନମୋହନ କହିଛନ୍ତି । ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନାକୁ ନେଇ ଜୁନ୍ ୧୨ ଓ ୧୫ ତାରିଖରେ ରାଜଧାନୀ ଭୁବନେଶ୍ୱରରେ କାର୍ଯ୍ୟକ୍ରମ ରହିଛି। ଏଥିରେ ସରକାରଙ୍କ ଲୋକାଭିମୁଖୀ ଯୋଜନାର ସଫଳତା କଥା ଲୋକଙ୍କ ପାଖରେ ରଖାଯିବ । ଆସନ୍ତା ୨୦ ତାରିଖରେ ୫୦ରୁ ଅଧିକ ପ୍ରକଳ୍ପ ଘୋଷଣା ହେବ ।

# ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ କିଏ ଗାଏବ କଲା ୨ଟି ତଦନ୍ତ ରିପୋର୍ଟ ? : ତଦନ୍ତ ପାଇଁ ସ୍ୱତନ୍ତ୍ର ଟିମ୍ ଗଢ଼ିଲା ପୁଲିସ

ଭୁବନେଶ୍ୱର, ୧୧/୬ (ନି.ପ୍ର): ୨ଟି ତଦନ୍ତ କମିସନ ରିପୋର୍ଟ ଗାଏବ ମାମଲାର ଆରମ୍ଭ ହେଲା ଘଣ୍ଟାଚକଟା । ଏହାକୁ କିଏ, କେମିତି ଓ କାହିଁକି ଗାଏବ କଲା, ତାର ହେବ ଏସ୍ଆଇଟି ତଦନ୍ତ । ନିଜେ ପୁଲିସ କମିସନର ଏହାର ନେତୃତ୍ୱ ନେଉଥିବା ବେଳେ ଆଜି ଗୃହ ବିଭାଗକୁ ଯାଇ ଏଡଲାକାରୀ ଯୁଗ୍ମ ସଚିବଙ୍କୁ ପଚରାଉଚରା କରିଛି କ୍ୟାପିଟାଲ ଥାନା ପୁଲିସ । ଆଗକୁ ବି ପଡ଼ିପାରେ ବହୁ ଅଧିକାରୀଙ୍କ ପାଳି । ରାଜ୍ୟ ଶାସନର କେନ୍ଦ୍ରସ୍ଥଳ, ସବୁଠୁ କ୍ଷମତାଶାଳୀ.. ସବୁଠୁ ସୁରକ୍ଷିତ ସ୍ଥାନ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ । ସେଠାରୁ ଦୁଇ ଦୁଇଟି ଗୁରୁତ୍ୱପୂର୍ଣ୍ଣ, ବହୁଚର୍ଚ୍ଚିତ, ବହୁ ବିବାଦୀୟ ଘଟଣାର ତଦନ୍ତ କମିସନ ରିପୋର୍ଟ ଗାଏବ ହେଲା ତ, ହେଲା କେମିତି ? ଫାଇଲର ତ ଗୋଡ଼ ନାହିଁ । ତେଣୁ କିଏ ଚୋରାଇଲା ? କିଏ ଗାୟବ୍ କଲା ? ସେ କାର୍ପଟଦାରଟି କିଏ ? କେସ୍ ନମ୍ବର ୪୬୦ ରୁଜୁ କରି, ମାମଲାର ଆମୂଳଚୁଳ ତଦନ୍ତ ଆରମ୍ଭ କରିଛି କମିସନରେଟ୍ ପୁଲିସ । ପୁଲିସ କମିସନରଙ୍କ ନେତୃତ୍ୱରେ ଜଣେ ଏସିପି ଓ ୨ ଆଇଆଇସିଙ୍କୁ ନେଇ ଗଠନ ହୋଇଛି ଏସ୍ଆଇଟି ବା ସ୍ୱତନ୍ତ୍ର ତଦନ୍ତକାରୀ ଦଳ । ଆଉ ଇଏ ସେଇ ଖୋଳତାଡ଼, ସେଇ ଛାନଭିନର ପ୍ରାରମ୍ଭିକ ପର୍ଯ୍ୟାୟ । ଲୋକସେବା ଭବନର ଗୃହ ବିଭାଗରେ କ୍ୟାପିଟାଲ ଥାନା ପୁଲିସ। ଏଡଲାକାରୀ ଗୃହ ବିଭାଗ ଯୁଗ୍ମ ସଚିବ ଶରତ ଚନ୍ଦ୍ର ମାରାଣ୍ଡିଙ୍କୁ ଅଧଘଣ୍ଟା କାଳ ପଚରାଉଚରା ସହ ବୟାନ ରେକର୍ଡ ହୋଇଛି । ୨୦୦୮ରେ ହୋଇଥିଲା ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀ ହତ୍ୟାକାଣ୍ଡ ଓ କନ୍ଧମାଳ ଦଙ୍ଗା। ୨୦୧୬ରେ ସିଏମ୍ଓ ଯାଇଥିଲା ନାଇଡୁ କମିସନ୍ ରିପୋର୍ଟ । ୨୦୧୬ରେ ହୋଇଥିବା ଭୁବନେଶ୍ୱର ସମ୍ ହସ୍ପିଟାଲ ଅଗ୍ନିକାଣ୍ଡ ଘଟଣାର ଆରଡିସି ତଦନ୍ତ ରିପୋର୍ଟ ୨୦୧୮ରେ ସିଏମ୍ଓକୁ ପଠାଯାଇଥିଲା ।

◆◆ପୃଷ୍ଠା ୭

# ଦିଲ୍ଲୀରେ ନିତି ଆୟୋଗ ବୈଠକରେ ଯୋଗଦେଲେ ମୁଖ୍ୟମନ୍ତ୍ରୀ: ୨୦୪୭ରେ ବିକଶିତ ଭାରତର ରୋଡ୍‌ମ୍ୟାପ୍ ନେଇ ହେଲା ଚର୍ଚ୍ଚା

ଭୁବନେଶ୍ୱର, ୧୧/୬ (ନି.ପ୍ର): ଦିଲ୍ଲୀରେ ଅନୁଷ୍ଠିତ ହୋଇଛି ନିତି ଆୟୋଗର ୧୧ତମ ଗଭର୍ଣ୍ଣିଂ କାଉନସିଲ ବୈଠକ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକର ଫୋକସରେ ଥିଲା ବିକଶିତ ଭାରତ-୨୦୪୭ । ନିତି ଆୟୋଗର ଏହି ଗୁରୁତ୍ୱପୂର୍ଣ୍ଣ ବୈଠକରେ ଯୋଗ ଦେଇ ଓଡ଼ିଶା ବିକାଶର ରୋଡ୍‌ମ୍ୟାପ୍ ରଖିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ମାଝୀ । ଓଡ଼ିଶାର ସାମଗ୍ରିକ ବିକାଶ, ମାନବ ସମ୍ପଦ ସଶକ୍ତିକରଣ ଓ ବିକଶିତ ଭାରତ ୨୦୪୭ ଲକ୍ଷ୍ୟ ପାଇଁ ରାଜ୍ୟର ରୋଡମ୍ୟାପ୍ ଉପସ୍ଥାପନ



କରିଛନ୍ତି ମୁଖ୍ୟମନ୍ତ୍ରୀ । ସେ କହିଛନ୍ତି- ପ୍ରଧାନମନ୍ତ୍ରୀ ମୋଦୀଙ୍କ ନେତୃତ୍ୱରେ ପୂର୍ବ ଭାରତର ବିକାଶରେ ଓଡ଼ିଶା ଅଗ୍ରଣୀ ଭୂମିକା ନେଉଛି । ୨୦୨୫-୨୬ ଆର୍ଥିକ ବର୍ଷରେ ଓଡ଼ିଶା ୭.୯ ପ୍ରତିଶତ ଆର୍ଥିକ ଅଭିବୃଦ୍ଧି ହାସଲ କରିଛି । ଡବଲ୍ ଇଞ୍ଜିନ ସରକାରରେ ଓଡ଼ିଶା ଆର୍ଥିକ ଶୃଙ୍ଖଳା ବଜାୟ ରଖିଛି ଓ ଅର୍ଥନୈତିକ ବିକାଶ ଜାରି ରଖିଛି । ନୀତି ଆୟୋଗର ବିତ୍ତିୟ ସ୍ୱାସ୍ଥ୍ୟ ସୂଚକାଙ୍କ-୨୦୨୬ରେ ଓଡ଼ିଶା ଦେଶରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଉଲ୍ଲେଖ କରିଛନ୍ତି ।

◆◆ପୃଷ୍ଠା ୭

# ସୋମବାର ଖୋଲାରହିବ ନନ୍ଦନକାନନ

ଭୁବନେଶ୍ୱର, ୧୧/୬ (ନି.ପ୍ର): ଆସନ୍ତା ୧୫ ତାରିଖ ସୋମବାର ଦିନ ନନ୍ଦନକାନନ ଖୋଲା ରହିବ। ସୋମବାର ରଜ ପଡୁଥିବାରୁ ନନ୍ଦନକାନନ ଖୋଲା ରହିବ। ଏହାସହ ରାଜ୍ୟ ବଟାନିକାଲ ଗାର୍ଡେନ୍ ମଧ୍ୟ ଭିଜିଟରସ୍‌ଙ୍କ ପାଇଁ ଖୋଲା ରହିବ। ତେବେ ଏହା ବଦଳରେ ୧୬ ତାରିଖ ମଙ୍ଗଳବାର ଦିନ ନନ୍ଦନକାନନ ବନ୍ଦ ରହିବ ବୋଲି ନନ୍ଦନକାନନ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି ।

# ଦେବାଶିଷ ସାମନ୍ତରାୟ ନିର୍ଦ୍ୱନ୍ଦ୍ୱରେ ରାଜ୍ୟସଭାକୁ ନିର୍ବାଚିତ

ଭୁବନେଶ୍ୱର, ୧୧/୬ (ନି.ପ୍ର): ରାଜ୍ୟସଭାକୁ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି ଦେବାଶିଷ ସାମନ୍ତରାୟ। ରାଜ୍ୟସଭା ଉପନିର୍ବାଚନ ପାଇଁ ସେ ବିଜେପି ତରଫରୁ ପ୍ରାର୍ଥିପତ୍ର ଦାଖଲ କରିଥିଲେ। କିନ୍ତୁ ସେ ଏକମାତ୍ର ପ୍ରାର୍ଥୀ ଭାବେ ନାମାଙ୍କନପତ୍ର ଦାଖଲ କରିଥିବାରୁ ଏହି ଉପନିର୍ବାଚନ ପାଇଁ ଆଉ ଭୋଟିଂର ଆବଶ୍ୟକତା ପଡ଼ିଲା ନାହିଁ। ଫଳରେ ସେ ନିର୍ଦ୍ୱନ୍ଦ୍ୱରେ ବିଜୟୀ ହୋଇଥିବା ନେଇ ଗୁରୁବାର ଘୋଷଣା କରାଯାଇଛି। ୨୦୨୪ ଏପ୍ରିଲରେ ବିଜେଡି ଟିକେଟରେ ରାଜ୍ୟସଭାକୁ ନିର୍ବାଚିତ ହୋଇଥିଲେ ଦେବାଶିଷ ସାମନ୍ତରାୟ। ତାଙ୍କ କାର୍ଯ୍ୟକାଳ ୨୦୩୦ ଏପ୍ରିଲ ୩ ତାରିଖରେ ଶେଷ ହୋଇଥା'ନ୍ତା। ତା' ପୂର୍ବରୁ ୨୦୨୬ ମେ' ୨୫ ତାରିଖରେ ସେ ବିଜେଡିରୁ ଇସ୍ତଫା ଦେବା ସହିତ ରାଜ୍ୟସଭା ସାଂସଦ ପଦ ମଧ୍ୟ ଛାଡ଼ି ଦେଇଥିଲେ। ମେ' ୨୬ରେ ସେ ବିଜେପିରେ ଯୋଗ ଦେଇଥିଲେ। ସେ ଇସ୍ତଫା ଦେବା ପରେ ଖାଲି ପଡ଼ିଥିବା ଆସନ ପାଇଁ ଉପନିର୍ବାଚନ କରାଯିବାକୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା।

◆◆ପୃଷ୍ଠା ୭

# ଉତ୍ତରାଧିକାରୀ କାର୍ଡ ଖୋଲିଲେନି ନବୀନ: ଦ୍ୱନ୍ଦ୍ୱରେ ବିଜେଡି ନେତା ଓ କର୍ମୀ

ଭୁବନେଶ୍ୱର, ୧୧/୬ (ନି.ପ୍ର): ଗୋଟିଏ ପରେ ଗୋଟିଏ ନିର୍ବାଚନମଣ୍ଡଳୀରେ ବିଜେଡି ନେତାଶୂନ୍ୟ ହେବା ପରେ ପରାଜିତ ନେତାଙ୍କ କଥା ନବୀନଙ୍କର ମନେ ପଡ଼ିଛି । ଶଙ୍ଖ ଭବନରେ ପରାଜିତ ନେତାଙ୍କ ମନର କଥା ଶୁଣିବା ସହ ପୁଣିଥରେ ସରକାରକୁ ଫେରିବାର ସୁନେଲୀ ସ୍ୱପ୍ନ ଦେଖାଇଛନ୍ତି ନବୀନ



। ବିଜେପି ସରକାରର ବିଫଳତାକୁ ସାମ୍ନାକୁ ଆଣି ପଞ୍ଚାୟତ ପରୀକ୍ଷା ପାର କରିବାକୁ ଦେଇଛନ୍ତି ମନ୍ତ୍ର । ହେଲେ ଦଳ ବାହାରେ ଉତ୍ତରାଧିକାରୀକୁ ନେଇ ଯେଉଁ ରାଜନୈତିକ ଚର୍ଚ୍ଚା ହେଉଛି ତାହା ଉପରୁ ଉଠାଇନାହାନ୍ତି ପରଦା । ଦୀର୍ଘ ୨ ବର୍ଷ ପରେ ପରାଜିତ ନେତାଙ୍କୁ ଖୋଜିଲେ ନବୀନ ।

# ହର୍ମୁଜରୁ ଭାରତ ପାଇଁ ଦୁଃଖଦ ଖବର: ଆମେରିକା ଆକ୍ରମଣରେ ୩ ଭାରତୀୟ ନାବିକଙ୍କ ମୃତ୍ୟୁ

ନୂଆଦିଲ୍ଲୀ,୧୧/୬ : ହର୍ମୁଜ ପ୍ରଣାଳୀରୁ ଭାରତ ପାଇଁ ଦୁଃଖଦ ଖବର ଆସିଛି। ଓମାନ ଉପକୂଳରେ ଏକ ଜାହାଜ ଉପରେ ଆମେରିକାର ଆକ୍ରମଣରେ ଦୁଇ ଜଣ ଭାରତୀୟ ନାବିକଙ୍କ ମୃତ୍ୟୁ ହୋଇଛି। ଅନ୍ୟପକ୍ଷରେ ଜାହାଜର ମୁଖ୍ୟ ଇଞ୍ଜିନିୟର ଏବେବି ନିଖୋଜ ଅଛନ୍ତି। 'ସିମେନ୍ସ ୟୁନିୟନ ଅଫ୍ ଇଣ୍ଡିଆ' ସୂତ୍ରରୁ ପ୍ରକାଶ ଓମାନ ଉପକୂଳରେ ଏକ ଭାରତୀୟ ବାଣିଜ୍ୟିକ ଜାହାଜ 'ସେଙ୍ଗେବେଲ୍ଲୋ' ଉପରେ ବୁଧବାର ହୋଇଥିବା ଆକ୍ରମଣରେ ୩ ଜଣ ଭାରତୀୟ ନିଖୋଜ ହୋଇଯାଇଥିଲେ। ଆକ୍ରମଣ ସମୟରେ ଜାହାଜରେ ୨୪ ଜଣ ଭାରତୀୟ ନାଗରିକ ଥିଲେ। ସେମାନଙ୍କ ମଧ୍ୟରୁ ୨୧ ଜଣଙ୍କୁ ଉଦ୍ଧାର କରାଯାଇଛି। କିନ୍ତୁ ୩ ଜଣଙ୍କର କିଛି ପତ୍ତା ମିଳୁନଥିଲା। ଭାରତୀୟ ଜାହାଜ ଉପରେ ଲଗାତାର ଟାର୍ଗେଟ୍ ଆକ୍ରମଣକୁ ଭାରତ ତୀବ୍ର ବିରୋଧ କରିଛି। ଆମେରିକୀୟ ବାହିନୀ ଦ୍ୱାରା 'ସେଙ୍ଗେବେଲ୍ଲୋ' ଉପରେ ଆକ୍ରମଣ ହୋଇଥିବା ଜଣାପଡ଼ିବା ପରେ ଭାରତ ଏହାର ତୀବ୍ର ବିରୋଧ କରିଛି ଓ ବିଦେଶ ବ୍ୟାପାର ମନ୍ତ୍ରଣାଳୟ ଆମେରିକା ରାଷ୍ଟ୍ରଦୂତ ଜାସନ ମିଲ୍ଲଙ୍କୁ ସମନ କରି କଡ଼ା ଆପତ୍ତି ପ୍ରକାଶ କରିଛି ।ମୃତ ନାବିକଙ୍କ ମଧ୍ୟରେ ହିମାଚଳ ପ୍ରଦେଶର ୨୩ ବର୍ଷୀୟ ଆଦିତ୍ୟ ଶର୍ମା ଅଛନ୍ତି। ଅନ୍ୟ ଜଣେ ମୃତ ଭାରତୀୟ ନାବିକ ହେଲେ ଶିବାନନ୍ଦ ଚୌରସିଆ। ଅନ୍ୟପକ୍ଷରେ ପଟନାଲା ସୁରେଶ ନିଖୋଜ ଅଛନ୍ତି। ତାଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିବାକୁ ବିଭିନ୍ନ ଏଜେନ୍ସି ଓ ଉଦ୍ଧାରକାରୀ ଦଳ ଅଭିଯାନରେ ସାମିଲ ହୋଇଛି।

# ଶେଷରେ କଲ୍ୟାଣ ବାନାର୍ଜୀ ବି ମମତାଙ୍କୁ ଦେଖାଇଲେ ନାଲି ଆଖି: କହିଲେ, ମୋତେ ରଖ ନଚେତ ଅଭିଷେକଙ୍କୁ



ନୂଆଦିଲ୍ଲୀ,୧୧/୬ : ତୃଣମୂଳ କଂଗ୍ରେସରେ ବିଦ୍ରୋହ ବଢୁଥିବାବେଳେ ମମତା ବାନାର୍ଜୀଙ୍କ ଖୁବ୍ ଘନିଷ୍ଠ କଲ୍ୟାଣ ବାନାର୍ଜୀ ଅସନ୍ତୋଷ ଜାହିର କରିଛନ୍ତି । କଲ୍ୟାଣ ବାନାର୍ଜୀ ମମତାଙ୍କ ପୁତୁରା ଅଭିଷେକ ବାନାର୍ଜୀଙ୍କ ଉପରେ ତୀବ୍ର ଅସନ୍ତୋଷ ପ୍ରକାଶ କରି ମମତାଙ୍କୁ ଶୁଣାଇଛନ୍ତି ଚରମବାଣୀ । ତାଙ୍କୁ କିମ୍ବା ଅଭିଷେକଙ୍କ ମଧ୍ୟ କାହାକୁ ଜଣଙ୍କୁ ବାଛିବାକୁ ହେବ । ଏପରି ଅପମାନ ସହ୍ୟ କରିପାରିବେନି ବୋଲି କହିଛନ୍ତି । ଅଭିଷେକ ବାନାର୍ଜୀ ତାଙ୍କୁ ଅପମାନ କରିଥିବା ଓ ତାଙ୍କୁ କଦାପି ବିଶ୍ୱାସ କରନ୍ତି ନାହିଁ ବୋଲି କହିଛନ୍ତି କଲ୍ୟାଣ ବାନାର୍ଜୀ । ଅଭିଷେକ ଖୁବ୍ ଅହଂକାରୀ ଓ ତାଙ୍କ ଯୋଗୁ ଦଳ ଏମିତି ଅବସ୍ଥାରେ ପହଞ୍ଚିଛି । ଜାଲ ଦସ୍ତଖତ ମାମଲାରେ କୋଲକାତା ହାଇକୋର୍ଟରେ ସେ ଅଭିଷେକଙ୍କ ଓକିଲ ଥିବାବେଳେ ଶେଷ ମୁହୂର୍ତ୍ତରେ ତାଙ୍କୁ ହଟେଇ ଦେବାକୁ କଲ୍ୟାଣ ଅପମାନଜନକ ବୋଲି କହିଛନ୍ତି । ତାଙ୍କଠାରୁ ବହୁ କନିଷ୍ଠ ଓକିଲଙ୍କୁ ଅଭିଷେକ ମାମଲା ଲଢ଼ିବାକୁ ଦେବାକୁ ନେଇ କଲ୍ୟାଣ ଗଭୀର ମର୍ମାହତ ହୋଇଛନ୍ତି । ଏପଟେ ସପ୍ତାହକ ଭିତରେ ତୃଣମୂଳ କଂଗ୍ରେସକୁ ତୃତୀୟ ଝଟ୍‌କା ଲାଗିଛି । ଟିଏମ୍‌ସିର ରାଜ୍ୟସଭା ସାଂସଦ ପ୍ରକାଶ ଚିକ୍ ବାରେକ୍ ସାଂସଦ ପଦରୁ ଇସ୍ତଫା ଦେଇଛନ୍ତି । ଫଳରେ ରାଜ୍ୟସଭାରେ ଟିଏମ୍‌ସିର ସାଂସଦଙ୍କ ସଂଖ୍ୟା ୧୦କୁ ଖସିଆସିଛି । ଆସନ୍ତା ସପ୍ତାହ ଭିତରେ ଟିଏମ୍‌ସିର ଆଉ ତିନି ଜଣ ରାଜ୍ୟସଭା ସାଂସଦ ଇସ୍ତଫା ଦେବେ ବୋଲି ଚର୍ଚ୍ଚା ହେଉଛି । ଫଳରେ ମମତା ବାନାର୍ଜୀଙ୍କ ନେତୃତ୍ୱାଧୀନ ଟିଏମ୍‌ସିରେ ସଙ୍କଟ ଆହୁରି ଗଭୀର ହୋଇଛି । ବିଧାନସଭା ନିର୍ବାଚନରେ ଲୋକେ ବିଜେପିକୁ ଚୟନ କରିଥିବା ବେଳେ ସେ ଟିଏମସିରୁ ଇସ୍ତଫା ଦେବା କଥା କହିଛନ୍ତି । ଭବିଷ୍ୟତରେ ସେ ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀଙ୍କ ସହ କାମ କରିବେ ବୋଲି ଆଶା ରଖିଛନ୍ତି । ଅନ୍ୟପକ୍ଷରେ କୋଲକାତା ହାଇକୋର୍ଟ ଅଭିଷେକଙ୍କୁ ଦସ୍ତଖତ ଜାଲିଆତି ମାମଲାରେ ଗିରଫଦାରୀରୁ ମଧ୍ୟବର୍ତ୍ତୀକାଳୀନ ସୁରକ୍ଷା ପ୍ରଦାନ କରିଛନ୍ତି ।

# ବ୍ୟବସ୍ଥା ଯେତିକି ସୁଲଭ ଏବଂ ସ୍ୱଚ୍ଛ ହେବ, ତ୍ରୁଟି କିମ୍ବା ଅପବ୍ୟବହାରର ସମ୍ଭାବନା ସେତିକି କମ୍ ରହିବ




ରାଉରକେଲା, ୧୧/୦୬ (ନି.ପ୍ର): "ବ୍ୟବସ୍ଥା ଯେତିକି ସୁଲଭ ଏବଂ ସ୍ୱଚ୍ଛ ହେବ, ତ୍ରୁଟି କିମ୍ବା ଅପବ୍ୟବହାରର ସମ୍ଭାବନା ସେତିକି କମ୍ ରହିବ," ବୋଲି ସେଲ୍‌ର ମୁଖ୍ୟ ସତର୍କତା ଅଧିକାରୀ (ସିଭିଓ) ଶ୍ରୀ ଦିଲୀପ କୁମାର 'ମନ୍ଥନ' ସମ୍ମିଳନୀ କକ୍ଷରେ ରାଉରକେଲା ଇସ୍ପାତ କାରଖାନାର ବରିଷ୍ଠ ଅଧିକାରୀମାନଙ୍କ ସହ ଆଲୋଚନା କରିବା ଅବସରରେ କହିଛନ୍ତି। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ସିଭିଓ ଜୁନ୍ ୮ ରୁ ୧୦ ପର୍ଯ୍ୟନ୍ତ ରାଉରକେଲା ଇସ୍ପାତ କାରଖାନା ଗସ୍ତରେ ଥିଲେ। ତାଙ୍କ ସହ ସେଲ୍‌ର କାର୍ଯ୍ୟକାରୀ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ସତର୍କତା) ଶ୍ରୀ ଜ୍ଞାନେଶ ଝା ମଧ୍ୟ ଉପସ୍ଥିତ ଥିଲେ। ଏହି ଗସ୍ତର ଏକ ପ୍ରମୁଖ ଅବସର ଥିଲା କାରଖାନାର ନିର୍ବାହୀ ନିର୍ଦ୍ଦେଶକ, ମୁଖ୍ୟ ମହାପ୍ରବନ୍ଧକ ଏବଂ ବିଭାଗୀୟ ମୁଖ୍ୟମାନେ ସାମିଲ ଥିବା ଏକ ଆଲୋଚନା କାର୍ଯ୍ୟକ୍ରମ। ଏଥିରେ ନିର୍ବାହୀ ନିର୍ଦ୍ଦେଶକ (କାର୍ଯ୍ୟ) ଶ୍ରୀ ବି. ଆର. ପଲାଇ, ନିର୍ବାହୀ ନିର୍ଦ୍ଦେଶକ (ଏମଏମ) ଶ୍ରୀ ଅନିଲ କୁମାର ଏବଂ ଅନ୍ୟ ଅନେକ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

ଆଲୋଚନା ସମୟରେ ସିଭିଓ କହିଥିଲେ ଯେ, ସେଲ୍‌ର ଯେକୌଣସି ଇସ୍ପାତ କାରଖାନାକୁ ଏହା ତାଙ୍କର ପ୍ରଥମ ଗସ୍ତ ଏବଂ ଖଣିଜ ପଥର କିଭଳି ଭାବେ ଇସ୍ପାତ ଭଳି ଏକ ଶକ୍ତ ଓ ସଦୃଢ଼ ସାମଗ୍ରୀରେ ରୂପାନ୍ତରିତ ହେଉଛି, ତାହା ଦେଖି ସେ ବହୁତ ପ୍ରଭାବିତ ଓ ମୁଗ୍ଧ। ସମସ୍ତ ବିଭାଗୀୟ ମୁଖ୍ୟଙ୍କୁ ସତର୍କତା ଅଧିକାରୀ ଭାବେ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇ ଶ୍ରୀ ଦିଲୀପ କୁମାର ପ୍ରତ୍ୟେକଙ୍କୁ, ବିଶେଷ କରି ଯୁବ ଅଧିକାରୀ ଏବଂ ଆଗ ଧାଡ଼ି ରେ କାର୍ଯ୍ୟରତ ଅଧିକାରୀମାନଙ୍କୁ ନିୟମ ଓ କାର୍ଯ୍ୟପଦ୍ଧତି ବିଷୟରେ ଅବଗତ କରାଇବା ଉପରେ ଗୁରୁତ୍ୱ ଦେଇଥିଲେ। ସିଭିଓ ମୁଖ୍ୟ ମହାପ୍ରବନ୍ଧକ ମାନଙ୍କ ଦ୍ୱାରା ପଚରାଯାଇଥିବା ଅନେକ ପ୍ରଶ୍ନର ଉତ୍ତର ମଧ୍ୟ ଦେଇଥିଲେ ଏବଂ ବିଭିନ୍ନ ବିଷୟ ଉପରେ ବିସ୍ତୃତ ଆଲୋଚନା କରିଥିଲେ।

ଏହାପୂର୍ବରୁ ଶ୍ରୀ ପଲାଇ, ନିଜର ବକ୍ତବ୍ୟରେ, ସିଭିଓଙ୍କ କାରଖାନାର କାର୍ଯ୍ୟକଳାପ ଏବଂ ବ୍ୟବସ୍ଥାଗୁଡ଼ିକୁ ପୁଙ୍ଖାନୁପୁଙ୍ଖ ଭାବେ ଅବଗତ ହେବା ପାଇଁ ପ୍ରକାଶ କରିଥିବା ଆଗ୍ରହକୁ ପ୍ରଶଂସା କରିଥିଲେ। ପ୍ରାରମ୍ଭରେ ଶ୍ରୀ ଜ୍ଞାନେଶ ଝା ଏହି ଗସ୍ତର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ।

ପରିଶେଷ ରେ ଶ୍ରୀ ଅନିଲ କୁମାର ଧନ୍ୟବାଦ ଅର୍ପଣ କରିଥିବା ବେଳେ ଆରଏସପିର ମହାପ୍ରବନ୍ଧକ (ସତର୍କତା) ତଥା ଏସିଭିଓ ଶ୍ରୀ ରଞ୍ଜନ ଭାରତୀ କାର୍ଯ୍ୟକ୍ରମର ସଂଚାଳନ କରିଥିଲେ।

ଏଠି ପୂର୍ବରୁ, ୧୦ ତାରିଖ ସକାଳେ ଶ୍ରୀ କୁମାର, ଶ୍ରୀ ପଲାଇଙ୍କ ସହ ମିଶି 'ରାଉରକେଲା ହାଉସ୍' ଠାରେ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଏହାପରେ ସେ ପ୍ରଶାସନିକ ଭବନରେ ଥିବା ସତର୍କତା କାର୍ଯ୍ୟାଳୟରେ ସତର୍କତା ଅଧିକାରୀମାନଙ୍କ ସହ ଏକ ବୈଠକ ମଧ୍ୟ କରିଥିଲେ। ସେଲ୍‌ର ବିଭିନ୍ନ ୟୁନିଟ୍‌ର ସହକାରୀ ମୁଖ୍ୟ ସତର୍କତା ଅଧିକାରୀ ମାନେ ମଧ୍ୟ ଭର୍ଚୁଆଲ୍ ମାଧ୍ୟମରେ ଏହି ବୈଠକରେ ଯୋଗ ଦେଇଥିଲେ, ଯାହାଦ୍ୱାରା ସତର୍କତା ସମ୍ବନ୍ଧୀୟ ବିଷୟଗୁଡ଼ିକ ଉପରେ ବ୍ୟାପକ ଅଂଶଗ୍ରହଣ ଏବଂ ମତାମତ ବିନିମୟ ସମ୍ଭବ ହୋଇପାରିଥିଲା।

ସିଭିଓ ଅପରାହ୍ନରେ ରାଉରକେଲାରୁ ବିଦାୟ ନେଇଥିବା ବେଳେ ରାଉରକେଲା ହାଉସ୍ ଠାରେ ତାଙ୍କୁ ଭାବପୂର୍ଣ୍ଣ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଥିଲା। ଶ୍ରୀ ରଞ୍ଜନ ଭାରତୀ ଏବଂ ସତର୍କତା ବିଭାଗ ଏହି ସମ୍ପୂର୍ଣ୍ଣ ଗସ୍ତ କାର୍ଯ୍ୟକ୍ରମର ସଂଚାଳନ କରିଥିଲେ।

# ଜିଲ୍ଲା ସଡ଼କ ସୁରକ୍ଷା ଟାସ୍କ ଫୋର୍ସ ବୈଠକ: ବେଆଇନ ଗାଡ଼ି ପାର୍କିଂ ଓ ଜବରଦଖଲ ହଟାଇବାକୁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ

ଝାରସୁଗୁଡା, ୧୦ ଜୁନ୍ (ହି.ସ.) ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ଡି.ଏମ.ଏଫ. ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ଅଧ୍ୟକ୍ଷତାରେ 'ଜିଲ୍ଲା ସଡ଼କ ସୁରକ୍ଷା ଟାସ୍କ ଫୋର୍ସ' ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଜିଲ୍ଲାର ସମସ୍ତ ଜାତୀୟ ଓ ରାଜ୍ୟ ରାଜପଥକୁ ସୁରକ୍ଷିତ ଏବଂ ଦୁର୍ଘଟଣାମୁକ୍ତ କରିବା ପାଇଁ ବ୍ୟାପକ ଆଲୋଚନା କରାଯାଇ କେତେକ ଦୃଢ଼ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ବିଶେଷ କରି ଜାତୀୟ ରାଜପଥ କଡ଼ରେ ବେଆଇନ ଭାବେ ପାର୍କିଂ କରାଯାଉଥିବା ଭାରୀ ଯାନବାହନ ଏବଂ ରାସ୍ତା ଉପରେ ଦୀର୍ଘ ଦିନ ଧରି ପଡ଼ି ରହିଥିବା ଦାବିଦାର ନଥିବା ଗାଡ଼ିଗୁଡ଼ିକୁ ତୁରନ୍ତ ହଟାଇବା ଉପରେ ଜିଲ୍ଲାପାଳ ସର୍ବାଧିକ ଗୁରୁତ୍ୱ ଦେଇଛନ୍ତି। ଏଥିପାଇଁ ଜିଲ୍ଲା ପରିବହନ ବିଭାଗ ସହ ସମନ୍ୱୟ ରକ୍ଷା କରି ସମସ୍ତ ପୌରପାଳିକା ଏବଂ ତହସିଲଦାରମାନଙ୍କୁ ତୁରନ୍ତ ଏହିଭଳି ଗାଡ଼ିଗୁଡ଼ିକ ସ୍ଥାନାନ୍ତର କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି।

ରାଜପଥରେ ଦୁର୍ଘଟଣା ଜନିତ ମୃତ୍ୟୁସଂଖ୍ୟା ହ୍ରାସ କରିବା ଲକ୍ଷ୍ୟରେ ଜିଲ୍ଲାପାଳ ସଡ଼କ ସୁରକ୍ଷା ବ୍ୟବସ୍ଥାର ସମୀକ୍ଷା କରିଥିଲେ। ଜିଲ୍ଲାର ସମସ୍ତ ଦୁର୍ଘଟଣାପ୍ରବଣ ଅଞ୍ଚଳ ବା ବ୍ଲାକସ୍ପଟ୍ ଗୁଡ଼ିକୁ ସଠିକ୍ ଭାବେ ଚିହ୍ନଟ କରିବା ସହ ସେହି ସ୍ଥାନଗୁଡ଼ିକରେ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରିବାକୁ ସେ କହିଛନ୍ତି। ସେହିପରି ରାଜପଥରେ ଅନ୍ଧାର ଯୋଗୁଁ ଯେପରି କୌଣସି ଅଘଟଣ ନଘଟେ, ସେଥିପାଇଁ ପ୍ରମୁଖ ସ୍ଥାନମାନଙ୍କରେ ହାଇମାଷ୍ଟ ଲାଇଟ୍ ଏବଂ ଗାଡ଼ିର ଗତି ସୀମା ନିୟନ୍ତ୍ରଣ ପାଇଁ ହାଇ-ଇଣ୍ଟେନସିଟି ସ୍ପିଡ୍ କ୍ୟାମେରା ସହ ଚେତାବନୀ ସୂଚକ ସାଇନ ବୋର୍ଡ ଲଗାଇବାକୁ ସେ ଏନ.ଏଚ.ଏ.ଆଇ. ର ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ଆଡଭାନ୍ସ ଟ୍ରେକ ମ୍ୟାନେଜମେଣ୍ଟ ସିଷ୍ଟମ ଗାଡ଼ିଗୁଡ଼ିକୁ ଟ୍ରାକ କରିବା ପାଇଁ ମଧ୍ୟ ଏନ.ଏଚ.ଏ.ଆଇ କୁ କହିଛନ୍ତି। ଏହି ସମସ୍ତ କାର୍ଯ୍ୟକୁ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ଶେଷ କରିବାକୁ କୁହାଯାଇଛି।

ମହିଳା ସଶକ୍ତୀକରଣ ଏବଂ ପରିବହନ ବ୍ୟବସ୍ଥାରେ ଉନ୍ନତି ଆଣିବା କ୍ଷେତ୍ରରେ ଏକ ଅଭିନବ ପଦକ୍ଷେପ ସ୍ୱରୂପ ରାଜପଥ କଡ଼ରେ ଥିବା ଟ୍ରକ୍ ଟର୍ମିନାଲଗୁଡ଼ିକରେ 'ମିଶନ ଶକ୍ତି' ମହିଳାମାନଙ୍କ ଦ୍ୱାରା ପରିଚାଳିତ କାଫେ ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ବୈଠକରେ ନିଷ୍ପତ୍ତି ହୋଇଛି। ଏହି କାର୍ଯ୍ୟ ଯେପରି ଅତି ଶୀଘ୍ର ଏବଂ ଦ୍ରୁତ ଗତିରେ ଆରମ୍ଭ ହେବ, ସେଥିପାଇଁ ସଂପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି।

# ଶ୍ରୀମନ୍ଦିର ପଣ୍ଡାଦ୍ୱାରରେ ଦର୍ଶନାର୍ଥୀଙ୍କୁ ମାଡ ଗାଳିର ତଦନ୍ତ ଦାବି କଲା ଭି.ସି.ଏମ

ପୁରୀ, ୧୧/୦୬ (ନି.ପ୍ର): ଶ୍ରୀମନ୍ଦିର ଭିତର ପଣ୍ଡାଦ୍ୱାର ଠାରେ ବୁଧବାର ସକାଳେ ଜଣେ ଭକ୍ତ ଙ୍କୁ କେତେକ ସେବକ ମାଡମାରିବା ସହ କଟୁ ଅଶ୍ଳୀଳ ଭାଷା ରେ ଗାଳି କରିଥିଲେ । ସେଠାରେ ଜେ. ଟି. ପି. ଜଳକା ହୋଇ ଚାହିଁ ରହିଥିବା ଅଭିଯୋଗ କରିଛନ୍ତି ।ଭକ୍ତ ଜଣକ ସାହାଯ୍ୟ ମାଗିବା ପରେ ନଧ ସେମାନେ କିଛି ସାହାଯ୍ୟ କରିନଥିବା ଦେଖିବାକୁ ମିଳିଥିଲା ।ଗତ କିଛି ବର୍ଷ ହେଲା ଶ୍ରୀମନ୍ଦିରରେ ଶ୍ରୀବିଗ୍ରହ ଦର୍ଶନ ପାଇଁ ଗଳାବାଟ ଦର୍ଶନ ନାମରେ ଅର୍ଥ ଆଦାୟ କରୁଥିବା ଅଭିଯୋଗ କରିଛନ୍ତି । କିଛି ଲୋକ ଏଥିରୁ ଲାଭବାନ ହେଉଥିବା ବେଳେ ସାଧାରଣ ଭକ୍ତମାନେ ଅନେକ ଅସୁବିଧା ସମ୍ମୁଖୀନ ହେଉଛନ୍ତି । ଏହି ଘଟଣାର ତୁରନ୍ତ ତଦନ୍ତ କରାଯାଉ। ସେହି ସ୍ଥାନରେ ସିସିଟିଭି ବ୍ୟବସ୍ଥା ଥିଲେ ସମ୍ପୃକ୍ତ ସମୟର ଭିଡିଓ ଯାଞ୍ଚ କରାଯାଉ। ସେହିପରି ଜେଟିପି କର୍ମଚାରୀମାନଙ୍କ ପାଇଁ ନାମଫଳକ ପିନ୍ଧିବା ବାଧ୍ୟତାମୂଳକ କରାଯାଉ, ଯାହାଦ୍ୱାରା ଜବାବଦେହିତା ଓ ସ୍ୱଚ୍ଛତା ବଜାୟ ରହିବ। ମହାପ୍ରଭୁଙ୍କ ମନ୍ଦିରର ମର୍ଯ୍ୟାଦା ଓ ଭକ୍ତମାନଙ୍କ ସମ୍ମାନ ସର୍ବଦା ସୁରକ୍ଷିତ ରହିବା ଉଚିତ। ଏଭଳି ଘଟଣା ଭକ୍ତମାନଙ୍କ ମନରେ କଷ୍ଟ ଓ ନକାରାତ୍ମକ ଭାବନା ସୃଷ୍ଟି କରୁଛି, ଯାହା ଶ୍ରୀମନ୍ଦିରର ଭାବମୂର୍ତ୍ତି ଉପରେ ପ୍ରଭାବ ପକାଉଛି।

## ଟଙ୍କା, ସୁନାଚେନ ଓ କାନଫୁଲ ପ୍ରକୃତ ମାଲିକଙ୍କୁ ଫେରାଇଲା ପୁଲିସ

ପୁରୀ, ୧୧/୦୬ (ନି.ପ୍ର): ପୁରୀ ପୋଲିସ ପକ୍ଷରୁ ଚୋରି ହୋଇଥିବା ୧୬ ଗ୍ରାମର ସୁନାଚେନ ,ହଳେ କାନଫୁଲ ନଗଦ ୩ ହଜାର ୩୫୦ ଟଙ୍କା ପ୍ରକୃତ ମାଲିକାଣୀ ବାସୁମତୀ ବେହେରା ବୟସ ୪୦,ସ୍ୱାମୀ ନଳିନୀକାନ୍ତ ବେହେରା ସା/ପୋ ନୂଆପଡା ପାଣପଣା ଜିଲ୍ଲା ବାଲେଶ୍ୱରକୁ ସଠିକ ପ୍ରମାଣ ପାଇ ପ୍ରଦାନ କରିଛି । ସାମଗ୍ରୀ ଗ୍ରହଣ କରିବା ପରେ ବାସୁମତୀ ବେହେରା ପୁରୀ ପୋଲିସକୁ କୃତଜ୍ଞତା ଜଣାଇବା ସହ ଦାୟୀତ୍ୱବୋଧକୁ ପ୍ରଶଂସା କରିଥିଲେ । ଏହି ଚୋରି ଘଟଣା ସିଂହଦ୍ୱାର ଥାନା ଅଞ୍ଚଳରେ ଘଟିଥିଲା । ପୁରୀ ପୋଲିସ ସର୍ବଦା ଜନସାଧାରଣଙ୍କ ସେବା, ସୁରକ୍ଷା ଓ ସମ୍ପତ୍ତିର ସୁରକ୍ଷା ପ୍ରତି ଅଙ୍ଗୀକାରବଦ୍ଧ ରହିଛି। ହଜିଯାଇଥିବା କିମ୍ବା ଚୋରି ହୋଇଥିବା ସାମଗ୍ରୀର ଉଦ୍ଧାର ଏବଂ ପ୍ରକୃତ ମାଲିକଙ୍କୁ ଫେରସ୍ତ ପ୍ରଦାନ କରିବା ଦିଗରେ ଏଭଳି ପଦକ୍ଷେପ ଭବିଷ୍ୟତରେ ମଧ୍ୟ ଜାରି ରହିବ।

# ନରେନ୍ଦ୍ର ମୋଦୀ ସବୁଠୁ ଅଧିକ ସମୟ ପ୍ରଧାନମନ୍ତ୍ରୀ ହେବା ଅବସରରେ ମହାପ୍ରଭୁଙ୍କ ଦର୍ଶନ କଲେ କେନ୍ଦ୍ରମନ୍ତ୍ରୀ

## ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦୀର୍ଘ ୧୨ ବର୍ଷ ଧରି ସେବା ଓ ସମର୍ପଣର ମହାନ କୀର୍ତ୍ତିମାନ ସ୍ଥାପନ କରିଛନ୍ତି - ଧର୍ମେନ୍ଦ୍ର ପ୍ରଧାନ




ନୂଆଦିଲ୍ଲୀ, ୧୧/୦୬ : ମାନ୍ୟବର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଭାରତର ସବୁଠାରୁ ଦୀର୍ଘ ସମୟ ନିରନ୍ତର କାର୍ଯ୍ୟ କରିଥିବା ନିର୍ବାଚିତ ଶାସନ ମୁଖ୍ୟ ହେବାର ଗୌରବ ଅର୍ଜନ କରିଛନ୍ତି । ଆଜି ପ୍ରଧାନମନ୍ତ୍ରୀ ଭାବେ ସେ କ୍ରମାଗତ ୧୨ ବର୍ଷ ବା ୪,୩୯୯ ଦିନ ପୂରଣ କରିଥିବା ବେଳେ ତାଙ୍କର ନେତୃତ୍ୱାଧୀନ ସରକାର ୧୩ଶ ବର୍ଷରେ ବର୍ଷରେ ଅଗ୍ରସର ହେଉଛନ୍ତି । ଏହି ଗୌରବମୟ ତଥା ଐତିହାସିକ ଅବସରରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ ନୂଆଦିଲ୍ଲୀର ହୌଜ୍ ଖାସ୍ ସ୍ଥିତ ଶ୍ରୀ ଜଗନ୍ନାଥ ମନ୍ଦିରରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ଦର୍ଶନ କରିବା ସହ ପ୍ରଧାନମନ୍ତ୍ରୀଙ୍କ ଉତ୍ତମ ସ୍ୱାସ୍ଥ୍ୟ ଓ ଦୀର୍ଘାୟୁ ନିମନ୍ତେ ପ୍ରାର୍ଥନା କରିଛନ୍ତି ।

ଏହି ଅବସରରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ଶ୍ରୀ ପ୍ରଧାନ କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ଦେଶର ସେବା ପାଇଁ ନିଜକୁ ଉତ୍ସର୍ଗ କରିଛନ୍ତି । ଦିନରାତି ଏକ କରି ଅକଥ ପରିଶ୍ରମ ମାଧ୍ୟମରେ ଦେଶର ଗରିବ, ମହିଳା, ଯୁବକ ଓ କୃଷକମାନଙ୍କ କଲ୍ୟାଣ କରିବା ସହ ଦେଶର ସର୍ବାଙ୍ଗୀନ ବିକାଶ କରିବା ତାଙ୍କର ଏକମାତ୍ର ଲକ୍ଷ୍ୟ ରହିଛି। ଆଜିର ଦିନଟି ସେବା ଓ ସମର୍ପଣର ଏକ ନୂତନ କୀର୍ତ୍ତିମାନ ସ୍ଥାପନ କରିଛି । ଶ୍ରୀ ପ୍ରଧାନ ଆହୁରି ମଧ୍ୟ କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଜୀ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ଜଣେ ପରମ ଭକ୍ତ ଓ ଅନୁଗାମୀ । ତାଙ୍କର ସାମାଜିକ ଜୀବନ ମହାପ୍ରଭୁଙ୍କ ଆଶୀର୍ବାଦରୁ ହିଁ ଗଢ଼ିଉଠିଛି । ବହୁ ବର୍ଷ ପୂର୍ବେ ଅହମ୍ମଦାବାଦର ଶ୍ରୀ ଜଗନ୍ନାଥ ମନ୍ଦିରରୁ ହିଁ ସେ ନିଜର ସାମାଜିକ ଜୀବନର ଯାତ୍ରା ଆରମ୍ଭ କରିଥିଲେ । ପ୍ରଧାନମନ୍ତ୍ରୀ ହେବା ପୂର୍ବରୁ ଓ ପରେ, ସେ ଯେତେବେଳେ ବି ଓଡ଼ିଶା ଯିବାର ସୁଯୋଗ ପାଇଛନ୍ତି, ମହାପ୍ରଭୁଙ୍କ ଶରଣାପନ୍ନ ହୋଇ ଆଶୀର୍ବାଦ ଭିକ୍ଷା କରିବାକୁ କେବେ ହେଲେ ଭୁଲିନାହାନ୍ତି ।

ମହାପ୍ରଭୁଙ୍କ ଶ୍ରୀଚରଣରେ ପ୍ରାର୍ଥନା କରି ଶ୍ରୀ ପ୍ରଧାନ କହିଛନ୍ତି ଯେ, ମହାପ୍ରଭୁଙ୍କ କୃପା ସମଗ୍ର ଦେଶବାସୀଙ୍କ ଉପରେ ରହିଛି ଏବଂ ଏହା ପ୍ରଧାନମନ୍ତ୍ରୀଙ୍କ ଉପରେ ମଧ୍ୟ ବଜାୟ ରହୁ । ପ୍ରଧାନମନ୍ତ୍ରୀଙ୍କ ସମର୍ଥ ନେତୃତ୍ୱରେ ଆମ ଦେଶ ଜନସେବା ଓ ରାଷ୍ଟ୍ର ଗଠନର ମହାନ ଦାୟିତ୍ୱକୁ ସଫଳତାର ସହ ଆଗକୁ ବଢୁ । ତାଙ୍କ ନେତୃତ୍ୱରେ ୨୦୪୭ ସୁଦ୍ଧା ଭାରତ ଆହୁରି ବିକଶିତ, ସମୃଦ୍ଧ ଓ ପ୍ରଗତିଶୀଳ ହେବ ବୋଲି ଶ୍ରୀ ପ୍ରଧାନ ଆଶାପ୍ରକଟ କରିଛନ୍ତି।

# ମୁଣ୍ଡାଗୁଡ଼ାରେ ସ୍ୱତନ୍ତ୍ର କ୍ରିକେଟ୍ ଷ୍ଟାଡିୟମ୍ ପାଇଁ କ୍ରୀଡ଼ାମନ୍ତ୍ରୀଙ୍କୁ ବିଧାୟକଙ୍କ ପତ୍ର

ମାଲକାନଗିରି , ୧୧/୦୬ (ନି.ପ୍ର): ମାଲକାନଗିରି ବିଧାୟକ ନରସିଂହ ମାଡକାମି କ୍ରୀଡ଼ା ଓ ଯୁବ ବ୍ୟାପାର, ଉଚ୍ଚଶିକ୍ଷା ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜଙ୍କୁ ଭେଟି ମାଲକାନଗିରି ସଦର ବ୍ଲକ ଅନ୍ତର୍ଗତ ମୁଣ୍ଡାଗୁଡ଼ାଠାରେ ପ୍ରସ୍ତାବିତ ବ୍ଲକ ସ୍ତରୀୟ ଷ୍ଟାଡିୟମ୍କୁ ଏକ ସ୍ୱତନ୍ତ୍ର କ୍ରିକେଟ୍ ଫେସିଲିଟିରେ ପରିଣତ କରିବା ପାଇଁ ଦାବି ଜଣାଇଛନ୍ତି। ବିଧାୟକ ତାଙ୍କ ପ୍ରସ୍ତାବ ପତ୍ରରେ ଉଲ୍ଲେଖ କରିଛନ୍ତି ଯେ, କ୍ରୀଡ଼ା ଓ ଯୁବସେବା ବିଭାଗର ପତ୍ର ସଂଖ୍ୟା ଆଇ ଏନ ଏଫ ଆର -୦୦୩୧-୨୦୨୫/୯୨୭୨ ତାରିଖ ୧୨ ମାର୍ଚ୍ଚ ୨୦୨୬ ଅନୁଯାୟୀ ମାଲକାନଗିରି ବ୍ଲକରେ ପ୍ରାୟ ୧୦.୧୬ କୋଟି ଟଙ୍କା ବ୍ୟୟରେ ଏକ ମଲ୍ଟି-ସ୍ପୋର୍ଟସ୍ ଷ୍ଟାଡିୟମ୍ ନିର୍ମାଣ ପାଇଁ ପ୍ରଶାସନିକ ଅନୁମୋଦନ ମିଳିଛି। ତେବେ ବ୍ଲକ ମଧ୍ୟରେ ପୂର୍ବରୁ ଏକ ମଲ୍ଟି-ସ୍ପୋର୍ଟସ୍ ଷ୍ଟାଡିୟମ୍ ରହିଥିବାରୁ ନୂତନ ପ୍ରକଳ୍ପକୁ ଜିଲ୍ଲାର ଆବଶ୍ୟକତା ଅନୁଯାୟୀ କ୍ରିକେଟ୍ ହବ୍ ଭାବେ ବିକଶିତ କରିବାକୁ ସେ ପ୍ରସ୍ତାବ ଦେଇଛନ୍ତି।

ମାଲକାନଗିରିରେ କ୍ରିକେଟ୍ ପ୍ରତି ଯୁବପିଢ଼ୀଙ୍କ ଆଗ୍ରହ ରହିଛି ଜିଲ୍ଲାର ବିଭିନ୍ନ ଗାଁ ଓ ସହରାଞ୍ଚଳରୁ ୭ରୁ ୨୨ ବର୍ଷ ବୟସର ଶତାଧିକ ଖେଳାଳି ପ୍ରତିଦିନ କଠିନ ପରିଶ୍ରମ କରି ଅଭ୍ୟାସ କରୁଛନ୍ତି କିନ୍ତୁ ଆଧୁନିକ ପିଚ୍, ନେଟ୍ ପ୍ରାକ୍ଟିସ୍, ଜିମ୍ ଓ ପ୍ରଶିକ୍ଷଣର ଅଭାବ ସେମାନଙ୍କ ଆଗକୁ ବଢ଼ିବାରେ ବଡ଼ ପ୍ରତିବନ୍ଧକ ସାଜିଛି।

ସ୍ଥାନୀୟ ଯୁବ କ୍ରିକେଟରମାନଙ୍କ କହିବା ଅନୁଯାୟୀ, "ଆମ ପାଖରେ ପ୍ରତିଭା ଅଛି, ପରିଶ୍ରମ କରିବାର ଇଚ୍ଛା ଅଛି, କିନ୍ତୁ ଭଲ ସୁବିଧା ନାହିଁ। ଏକ ଉନ୍ନତ କ୍ରିକେଟ୍ ଷ୍ଟାଡିୟମ୍ ହେଲେ ମାଲକାନଗିରିର ଖେଳାଳିମାନେ ରାଜ୍ୟ ଓ ଜାତୀୟ ସ୍ତରରେ ନିଜ ଦକ୍ଷତା ପ୍ରଦର୍ଶନ କରିପାରିବେ। ଅଭିଭାବକମାନେ ମଧ୍ୟ ଏହି ପ୍ରସ୍ତାବକୁ ସ୍ୱାଗତ କରି କହିଛନ୍ତି ଯେ, ଆଜିର ଯୁବପିଢ଼ୀଙ୍କୁ ନିଶା, ଅପସଂସ୍କୃତି ଓ ଅନ୍ୟାନ୍ୟ ସାମାଜିକ ବ୍ୟାଧିରୁ ଦୂରେ ରଖିବା ପାଇଁ କ୍ରୀଡ଼ା ହେଉଛି ସବୁଠାରୁ ଶକ୍ତିଶାଳୀ ମାଧ୍ୟମ। ଯଦି ମୁଣ୍ଡାଗୁଡ଼ାରେ ଏକ ଆଧୁନିକ କ୍ରିକେଟ୍ ଷ୍ଟାଡିୟମ୍ ନିର୍ମାଣ ହୁଏ, ତେବେ ଜିଲ୍ଲାର ଶହ ଶହ ପିଲାଙ୍କ ଭବିଷ୍ୟତ ଉଜ୍ଜ୍ୱଳ ହୋଇପାରିବ। ବିଧାୟକ ଶ୍ରୀ ନରସିଂହ ମାଡକାମି କହିଛନ୍ତି ଯେ ମାଲକାନଗିରିର ଯୁବପିଢ଼ୀଙ୍କ ମଧ୍ୟରେ କ୍ରିକେଟ୍ ପ୍ରତି ଅସାଧାରଣ ଉତ୍ସାହ ରହିଛି। ଏହି ପ୍ରକଳ୍ପକୁ ଏକ ଡେଡିକେଟେଡ୍ କ୍ରିକେଟ୍ ଫେସିଲିଟି ସହ ଇଣ୍ଡୋର ଷ୍ଟାଡିୟମ୍ ଏବଂ ଜିମ୍ନାସିୟମ୍ରେ ପରିଣତ କରାଗଲେ ଆମ ଜିଲ୍ଲାର ପ୍ରତିଭାବାନ ଖେଳାଳିମାନେ ଉପକୃତ ହେବେ ଏବଂ ମାଲକାନଗିରି ରାଜ୍ୟର କ୍ରୀଡ଼ା ମାନଚିତ୍ରରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିପାରିବ।

ଏବେ ମାଲକାନଗିରିର ଯୁବ କ୍ରିକେଟର, କ୍ରୀଡ଼ାପ୍ରେମୀ ଓ ଅଭିଭାବକମାନଙ୍କ ନଜର ରାଜ୍ୟ ସରକାରଙ୍କ ନିଷ୍ପତ୍ତି ଉପରେ ରହିଛି। ମାଲକାନଗିରିର ପିଲାମାନଙ୍କୁ ଏକ ଆଧୁନିକ କ୍ରିକେଟ୍ ଷ୍ଟାଡିୟମ୍ କିଭଳି ମିଳିପାରିବ ଓ ଏହି ଠାରୁ ଯୁବା ଦିନେ ଓଡ଼ିଶା ଓ ଦେଶ ପାଇଁ ଗୌରବ ଆଣିବେ।"

# କଂଗ୍ରେସ ତରଫରୁ ବିକ୍ଷୋଭ ଶୋଭାଯାତ୍ରା ଧାରଣା ଓ ଦାବିପତ୍ର ପ୍ରଦାନ

ଜୟପୁର, ୧୧/୦୬ (ନି.ପ୍ର): ବୟୋଜ୍ୟେଷ୍ଠ ଓ ବିଧବା ଏବଂ ଭିନ୍ନକ୍ଷମ ଭତ୍ତା ଗତ ୩ ମାସ ଧରି ହିତାଧିକାରୀମାନଙ୍କୁ ଅବିଳମ୍ବେ ପେନ୍ସନ ପ୍ରଦାନ, ପେନ୍ସନ କୋଟା ବୃଦ୍ଧି ଏବଂ ଡିଜେଲ, ପେଟ୍ରୋଲ, ଏଲପିଜି ଗ୍ୟାସ ସିଲିଣ୍ଡର ତଥା ନିତ୍ୟାବଶ୍ୟକ ସାମଗ୍ରୀର ଅହେତୁକ ମୂଲ୍ୟବୃଦ୍ଧି ରୋକିବା ଏବଂ ନିଟ୍ ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ପ୍ରତିବାଦରେ କୋରାପୁଟ ଜିଲ୍ଲା କଂଗ୍ରେସ ତରଫରୁ ଧାରଣା ବିକ୍ଷୋଭ ଶୋଭାଯାତ୍ରା ସହ ଦାବି ପତ୍ର ପ୍ରଦାନ କରାଯାଇଛି । ଜୟପୁର ଆକାଶ ବାଣୀ କେନ୍ଦ୍ର ଛକ ଠାରୁ ବିଶାଳ ଶୋଭାଯାତ୍ରା ବାହାରି ଜୟପୁର ଉପ ଜିଲ୍ଲାପାଳଙ୍କ କାର୍ଯ୍ୟଳୟ ରେ ପହଁଚି ଥିଲା କ୍ଷ ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତି ଙ୍କ ଆହ୍ୱାନ ରେ ଅନୁଷ୍ଠିତ ବିକ୍ଷୋଭ ଶୋଭାଯାତ୍ରା ରେ ରାଜ୍ୟପାଳ ଙ୍କ ଉଦ୍ଦେଶ୍ୟ ରେ ଉପ ଜିଲ୍ଲାପାଳ ଯଦୁମଣି ନାୟକଙ୍କୁ ଦାବି ପତ୍ର ପ୍ରଦାନ କରାଯାଇଛି । କୋରାପୁଟ ଜିଲ୍ଲା ସମେତ ଜୟପୁର ବିଧାନସଭା ନିର୍ବାଚନ ମଣ୍ଡଳୀ ଅଧୀନ ବହୁ ସଂଖ୍ୟକ ବୟୋଜ୍ୟେଷ୍ଠ ଓ ବିଧବା ନାଗରିକ ସାମାଜିକ ସୁରକ୍ଷା ଯୋଜନା ଅନ୍ତର୍ଗତ ପେନ୍ସନ ପାଇବାକୁ ଯୋଗ୍ୟ ବିବେଚିତ ହୋଇଥିଲେ ମଧ୍ୟ ଆବଶ୍ୟକ ପେନ୍ସନ ଅଂଶ ଅଭାବରୁ ଏପର୍ଯ୍ୟନ୍ତ ପେନ୍ସନ ସୁବିଧାରୁ ବଞ୍ଚିତ ରହିଛନ୍ତି । ଏହି ଅବସ୍ଥା ଅନେକ ଦରିଦ୍ର, ଅସହାୟ ଓ ନିରାଶ୍ରୟ ପରିବାର ପାଇଁ ଗୁରୁତର ସାମାଜିକ ଓ ଆର୍ଥିକ ସଙ୍କଟ ସୃଷ୍ଟି କରିଛି। ଅନ୍ୟପକ୍ଷରେ, ଡିଜେଲ, ପେଟ୍ରୋଲ ଏବଂ ଘରୋଇ ରନ୍ଧନ ଗ୍ୟାସ ର ଲଗାତାର ମୂଲ୍ୟବୃଦ୍ଧି ସାଧାରଣ ଲୋକଙ୍କ ଜୀବନକୁ ଅତ୍ୟନ୍ତ ଦୁର୍ବିସହ କରିଦେଇଛି। ଜ୍ୱାଳାନୀ ମୂଲ୍ୟ ବୃଦ୍ଧିର ସିଧାସଳଖ ପ୍ରଭାବ ନିତ୍ୟାବଶ୍ୟକ ଖାଦ୍ୟ ସାମଗ୍ରୀ, ପରିବହନ ଖର୍ଚ୍ଚ, କୃଷି ଉତ୍ପାଦନ ଓ ସାଧାରଣ ଜନଜୀବନ ଉପରେ ପଡୁଛି। ବିଶେଷକରି ଦୈନିକ ମଜୁରିଆ, କୃଷକ, ଶ୍ରମିକ, ବୟୋଜ୍ୟେଷ୍ଠ, ବିଧବା ଏବଂ ନିମ୍ନ ଓ ମଧ୍ୟମ ଆୟ ବର୍ଗର ପରିବାରମାନେ ଆଜି ଦୁଇମୁଖୀ ଆର୍ଥିକ ଚାପର ସମ୍ମୁଖୀନ ହେଉଛନ୍ତି । ପେନ୍ସନ ଭଳି ସାମାଜିକ ସୁରକ୍ଷା ସହାୟତା ପାଇବାରୁ ବଞ୍ଚିତ ହୋଇଥିବା ବେଳେ ଅନ୍ୟପଟେ ଦ୍ରୁତ ମୂଲ୍ୟବୃଦ୍ଧି ସେମାନଙ୍କ ଜୀବନକୁ ଅଧିକ ଦୁର୍ବିସହ କରିଛି ଓ ଖାଦ୍ୟ, ଔଷଧ, ଚିକିତ୍ସା ଏବଂ ଦୈନନ୍ଦିନ ଜୀବନ ନିର୍ବାହ କରିବା ସେମାନଙ୍କ ପାଇଁ କଷ୍ଟସାଧ୍ୟ ହୋଇପଡ଼ିଛି। ସେହପରି ନୀଟ ଏବଂ କେନ୍ଦ୍ର ସରକାରଙ୍କ ଦ୍ୱାରା ପରିଚାଳିତ ବିଭିନ୍ନ ପରିକ୍ଷାର ପ୍ରଶ୍ନ ପତ୍ର ଲିକ ମାମଲାରେ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କର କାର୍ଯ୍ୟକଳାପ ସନ୍ଦେହ ଘେରରେ ଏଣୁ ନୈତିକତା ଦୃଷ୍ଟିରୁ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ଦାବି କରିଛି । ଯଦି ରାଜ୍ୟ ଓ କେନ୍ଦ୍ର ସରକାର ଏହି ସମସ୍ୟାର ସମାଧାନ ପାଇଁ ତୁରନ୍ତ ପଦକ୍ଷେପ ଗ୍ରହଣ ନକରନ୍ତି, ତାହାହେଲେ ଜନସାଧାରଣଙ୍କ ସ୍ୱାର୍ଥ ଦୃଷ୍ଟିରୁ କଂଗ୍ରେସ ଦଳ ଗଣତାନ୍ତ୍ରିକ ଓ ଶାରିପୂର୍ଣ୍ଣ ଭାବରେ ଆଗାମୀ ଦିନରେ ଆନ୍ଦୋଳନକୁ ଆହୁରି ବ୍ୟାପକ କରିବାକୁ ବାଧ୍ୟ ହେବ ବୋଲି ଚେତାବନୀ ଦେଇଛି । ଉକ୍ତ ଦାବି ପତ୍ରରେ ଉଲ୍ଲେଖ କରାଯାଇଛି ଯେ କୋରାପୁଟ ଜିଲ୍ଲା ସମେତ ଜୟପୁର ବିଧାନସଭା ନିର୍ବାଚନ ମଣ୍ଡଳୀରେ ବୟୋଜ୍ୟେଷ୍ଠ ଓ ବିଧବା ପେନ୍ସନ କୋଟାକୁ ଅବିଳମ୍ବେ ବୃଦ୍ଧି କରାଯାଇ, ଗତ ତିନି ମାସର ବକେୟା ବାର୍ଦ୍ଧକ୍ୟ ଭତ୍ତା, ଭିନ୍ନକ୍ଷମ ଭତ୍ତା ଏବଂ ବିଧବା ଭତ୍ତା ଅବିଳମ୍ବେ ହିତାକାରୀଙ୍କ ଖାତାକୁ ପ୍ରଦାନ କରାଯାଉ ଓ ଅପେକ୍ଷାରତ ସମସ୍ତ ଯୋଗ୍ୟ ପେନ୍ସନ ହିତାକାରୀଙ୍କୁ ଶୀଘ୍ର ପେନ୍ସନ ମଞ୍ଜୁର କରି ନିୟମିତ ପ୍ରଦାନ ବ୍ୟବସ୍ଥା ସୁନିଶ୍ଚିତ କରାଯାଉ, ଡିଜେଲ, ପେଟ୍ରୋଲ ଏବଂ ଘରୋଇ ଏଲପିଜି ଗ୍ୟାସ ସିଲିଣ୍ଡର ଦର ହ୍ରାସ ପାଇଁ ତୁରନ୍ତ ପଦକ୍ଷେପ ନିଆଯାଉ, ନିତ୍ୟାବଶ୍ୟକ ଖାଦ୍ୟ ସାମଗ୍ରୀର ମୂଲ୍ୟ ନିୟନ୍ତ୍ରଣ ପାଇଁ ଫଳପ୍ରଦ ବଜାର ହସ୍ତକ୍ଷେପ ଏବଂ ନିରୀକ୍ଷଣ ବ୍ୟବସ୍ଥା କରାଯାଉ,. ଦାରିଦ୍ର୍ୟ ସୀମାରେଖା ତଳର ପରିବାର, ଦୈନିକ ଶ୍ରମଜୀବୀ ଓ ଦୁର୍ବଳ ବର୍ଗ ପାଇଁ ଅତିରିକ୍ତ ଜୀବିକା ସହାୟତା ଏବଂ ଭର୍ତ୍ତୁକି ବ୍ୟବସ୍ଥା ପ୍ରଚଳନ କରାଯାଇ, ସାମାଜିକ ସୁରକ୍ଷା ଓ ଦ୍ରବ୍ୟ ମୂଲ୍ୟବୃଦ୍ଧି ସମ୍ବନ୍ଧୀୟ ପ୍ରସଙ୍ଗଗୁଡ଼ିକୁ ଜନସ୍ୱାର୍ଥ ଦୃଷ୍ଟିରୁ ପ୍ରାଥମିକତା ଦେଇ ଆବଶ୍ୟକ ନୀତିଗତ ସଂଶୋଧନ କରାଯାଉ, ନିଟ୍ ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ମାମଲାରେ ସଂପୃକ୍ତ ଥିବା କର୍ମଚାରୀମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସହିତ ନୈତିକତା ଦୃଷ୍ଟିରୁ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଇସ୍ତଫା ଦିଅନ୍ତୁ ବୋଲି ଉଲ୍ଲେଖ ରହିଛି ।

ଆଜିର ବିକ୍ଷୋଭ ଶୋଭାଯାତ୍ରା ରେ ପୌର ଅଧ୍ୟକ୍ଷ ନରେନ୍ଦ୍ର କୁମାର ମହାନ୍ତି, ଜିଲ୍ଲା ସଭାପତି ରୂପକ ତୁରୁକ, ପୂର୍ବତନ ବିଧାୟକ ନିମେଇ ସରକାର, ଜିଲ୍ଲା ମହିଳା କଂଗ୍ରେସ ସଭାନେତ୍ରୀ ନଳିନୀ ରଥ, ବରିଷ୍ଠ କଂଗ୍ରେସ ନେତା ନିହାର ବିଷୋୟୀ ସମେତ ଶତାଧିକ ପେନସନ ହିତାଧିକାରୀ ଉପସ୍ଥିତ ଥିଲେ ।

# ଅନଲାଇନ୍ ଠକେଇ ମାମଲାରେ ଦୁଇ ଅଭିଯୁକ୍ତ ଗିରଫ

ସମ୍ବଲପୁର, ୧୧/୦୬ (ନି.ପ୍ର): ସମ୍ବଲପୁର ସାଇବର କ୍ରାଇମ୍ ଓ ଆର୍ଥିକ ଅପରାଧ ଥାନା ପକ୍ଷରୁ ଏକ ଅନଲାଇନ୍ ନିବେଶ ଠକେଇ ମାମଲାରେ ଦୁଇଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଏହି ମାମଲା ସିସି ଓ ଇଓ ଥାନା କେସ୍ ନଂ-୨୦, ତାରିଖ ୧୧ ଅକ୍ଟୋବର ୨୦୨୫ ଅନୁଯାୟୀ ରୁଜୁ ହୋଇଥିଲା। ଅଭିଯୋଗ ଅନୁସାରେ, ସମ୍ବଲପୁରର ଲଙ୍ଗବାହାଲ ଅଞ୍ଚଳର ରୋଇଲେନ କାଣ୍ଡୁଲାନା ନାମକ ଜଣେ ମହିଳାଙ୍କ ସମେତ ଅନେକ ନିବେଶକଙ୍କୁ 'ଏଲ୍ଏଫ୍ ୱାର୍କ' ନାମକ ଏକ ମୋବାଇଲ୍ ଆପ୍ ମାଧ୍ୟମରେ ପ୍ରତିମାସ ୨ ରୁ ୫୦ ପ୍ରତିଶତ ପର୍ଯ୍ୟନ୍ତ ଉଚ୍ଚ ରିଟର୍ଣ୍ଣ ମିଳିବ ବୋଲି ପ୍ରଲୋଭନ ଦେଖାଯାଇଥିଲା। ଅଭିଯୁକ୍ତମାନେ କମ୍ପାନୀଟି ଭାରତ ସରକାରଙ୍କ ଅନୁମୋଦିତ ଏବଂ ସେବିରେ ପଞ୍ଜିକୃତ ବୋଲି ଭୁଲ୍ ତଥ୍ୟ ଦେଇ ନିବେଶକ ମାନଙ୍କଠାରୁ ୟୁପିଆଇ ଓ କ୍ୟୁଆର କୋଡ୍ ମାଧ୍ୟମରେ ଟଙ୍କା ଆଦାୟ କରି ଲୁଟି ଚାଲିଥିଲେ। ତଦନ୍ତରୁ ଆହୁରି ଜଣାପଡ଼ିଛି ଯେ, ଅଭିଯୋଗକାରୀ ଆପ୍ରେ ସୃଷ୍ଟି ହୋଇଥିବା ଏକାଧିକ ଆଇଡି ମାଧ୍ୟମରେ ବହୁ ପରିମାଣର ଅର୍ଥ ନିବେଶ କରିଥିଲେ। ପ୍ରାରମ୍ଭରେ କିଛି ଲାଭ ଦେଖାଇ ବିଶ୍ୱାସ ଜିତିବା ପରେ ଆପ୍ ପରିଚାଳକମାନେ ହଠାତ୍ ଯୋଗାଯୋଗ ବନ୍ଦ କରିଦେଇଥିଲେ, ଫଳରେ ନିବେଶକମାନେ ଆର୍ଥିକ କ୍ଷତିର ସମ୍ମୁଖୀନ ହୋଇଥିଲେ।

ପୋଲିସ ତଦନ୍ତ ବେଳେ ଜଗତସିଂହପୁର ଜିଲ୍ଲା ରଘୁନାଥପୁର ଥାନା ଅନ୍ତର୍ଗତ ସାନ କୋରକୋରା ଗାଁ'ର ୫୪ ବର୍ଷୀୟ ତ୍ରିଲୋଚନ ସେନାପତି ଜଗତସିଂହପୁର ଜିଲ୍ଲାର ତ୍ରିଲୋଚନ ସେନାପତି (୫୪) ଅଭିଯୋଗକାରୀଙ୍କୁ ଏହି ଠକେଇ ନିବେଶ ଯୋଜନା ସହ ପରିଚିତ କରାଇ ନିବେଶ କରିବାକୁ ପ୍ରେରିତ କରିଥିବା ଜଣାପଡ଼ିଛି। ସେହିପରି, ଅଭିଯୋଗକାରୀ ୩୧ ଅଗଷ୍ଟ ୨୦୨୫ ରୁ ୧ ସେପ୍ଟେମ୍ବର ୨୦୨୫ ମଧ୍ୟରେ ୯ଟି କାରବାର ମାଧ୍ୟମରେ ଜଗତସିଂହପୁର ଜିଲ୍ଲା ରଘୁନାଥପୁର ଥାନା ଅନ୍ତର୍ଗତ ଅଢେଇକୂଳ ଗାଁ ର ୧୯ ବର୍ଷୀୟ ସୌମ୍ୟରଞ୍ଜନ ନାୟକ ନାୟକଙ୍କ ବ୍ୟାଙ୍କ ଖାତାକୁ ମୋଟ ୪୫ ହଜାର ଟଙ୍କା ପଠାଇଥିବା ତଥ୍ୟ ସାମ୍ନାକୁ ଆସିଛି। ତଦନ୍ତ ବେଳେ ଉଭୟ ଅଭିଯୁକ୍ତ ଗୋଟିଏ ଅଞ୍ଚଳର ବାସିନ୍ଦା ହୋଇଥିବା ସହ ଠକେଇ କାରବାରକୁ ସୁବିଧା ଯୋଗାଇବାରେ ପରସ୍ପର ପରସ୍ପରକୁ ସହଯୋଗ କରୁଥିବା ଜଣାପଡ଼ିଛି। ଏନସିଆରପି ପୋର୍ଟାଲ୍ର ଯାଞ୍ଚରେ ମଧ୍ୟ ସୌମ୍ୟରଞ୍ଜନଙ୍କ ବ୍ୟାଙ୍କ ଖାତା ସହ ଜଡ଼ିତ ଏକାଧିକ ସାଇବର ଠକେଇ ଅଭିଯୋଗ ଥିବା ଜଣାଯାଇଛି। ବିଶ୍ୱସନୀୟ ସୂଚନା ଓ ପ୍ରଯୁକ୍ତିଗତ ପ୍ରମାଣ ଆଧାରରେ ସମ୍ବଲପୁର ସିସି ଓ ଇଓ ଥାନାର ଏକ ଟିମ୍ ଜଗତସିଂହପୁର ଜିଲ୍ଲାରେ ଚଢ଼ାଉ କରି ରଘୁନାଥପୁର ଥାନା ପୋଲିସର ସହଯୋଗରେ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ପଚରାଉଚରା ବେଳେ ଅଭିଯୁକ୍ତମାନେ ଠକେଇ ଟଙ୍କା ଗ୍ରହଣ ଓ ବ୍ୟବହାର ସମ୍ପର୍କରେ ସନ୍ତୋଷଜନକ ଉତ୍ତର ଦେଇପାରିନଥିଲେ।





# ବକ୍ସ ଅଫିସ୍‌ରେ ମନ୍ଥର ପଡ଼ିଲା 'ହେ ଜୱାନି ତୋ ଇସ୍କ ହୋନା ହେ'

ବହୁ ପ୍ରତୀକ୍ଷିତ ହିନ୍ଦୀ ଚଳଚ୍ଚିତ୍ର ''ହେ ଜୱାନି ତୋ ଇସ୍କ ହୋନା ହେ'' ମୁକ୍ତିଲାଭ ପରେ ପ୍ରେକ୍ଷାଳୟରେ ଦର୍ଶକଙ୍କ ଭଲ ସମର୍ଥନ ପାଇଥିଲା। କିନ୍ତୁ ସିନେମାର ବକ୍ସ ଅଫିସ୍ ଯାତ୍ରା ଏବେ କିଛିଟା ମନ୍ଥର ହୋଇଥିବା ଦେଖାଯାଇଛି। ମୁକ୍ତିଲାଭର ପ୍ରଥମ ତିନି ଦିନରେ ଆଶାଜନକ ବ୍ୟବସାୟ କରିଥିବା ଏହି ଚଳଚ୍ଚିତ୍ରର ଆୟ ସପ୍ତାହର ମଝିଭାଗରେ କ୍ରମଶଃ ହ୍ରାସ ପାଇବାରେ ଲାଗିଛି। ବ୍ୟବସାୟିକ ରିପୋର୍ଟ ଅନୁସାରେ, ଚଳଚ୍ଚିତ୍ରଟି ମୁକ୍ତିଲାଭର ଷଷ୍ଠ ଦିନରେ ପ୍ରାୟ ୨.୮ କୋଟି ଟଙ୍କା ଆୟ କରିଛି। ଏହା ସହିତ ଦେଶରେ ଏହାର ମୋଟ ନିଟ୍ ଆୟ ୩୪ କୋଟି ଟଙ୍କାରୁ ଅଧିକରେ ପହଞ୍ଚିଛି। ପ୍ରଥମ ଦିନରେ ଭଲ ଆରମ୍ଭ କରିଥିବା ଏହି ସିନେମା ଶନିବାର ଓ ରବିବାର ଦିନ ଅଧିକ ଦର୍ଶକ ଆକର୍ଷଣ କରିଥିଲା। ତେବେ ସୋମବାରଠାରୁ ଦର୍ଶକ ସଂଖ୍ୟା କମିବା ସହ ଆୟରେ ମଧ ହ୍ରାସ ଦେଖାଦେଇଛି ।

ଅନ୍ୟପକ୍ଷରେ ଦେଖିବାକୁ ଗଲେ ବିଶ୍ୱସ୍ତରରେ ଚଳଚ୍ଚିତ୍ରଟି ୫୦ କୋଟି ଟଙ୍କାରୁ ଅଧିକ ବ୍ୟବସାୟ କରିବାରେ ସଫଳ ହୋଇଛି। ବିଦେଶରେ ଏହାକୁ ଅପେକ୍ଷାକୃତ ଭଲ ପ୍ରତିକ୍ରିୟା ମିଳୁଥିବା ବେଳେ ଦେଶୀୟ ବଜାରରେ ଅନ୍ୟ ଚଳଚ୍ଚିତ୍ରଗୁଡ଼ିକର ପ୍ରତିଯୋଗିତା ଏହାର ଆୟ ଉପରେ ପ୍ରଭାବ ପକାଇଛି । ରୋମାଞ୍ଚ, ହାସ୍ୟ ଓ ପାରିବାରିକ ମନୋରଞ୍ଜନକୁ ନେଇ ନିର୍ମିତ ଏହି ଚଳଚ୍ଚିତ୍ରକୁ ଦର୍ଶକଙ୍କ ଠାରୁ ମିଶ୍ରିତ ପ୍ରତିକ୍ରିୟା ମିଳିଛି। କେତେକ ଦର୍ଶକ ଏହାର ହାସ୍ୟରସ ଓ ଅଭିନୟକୁ ପସନ୍ଦ କରିଥିବା ବେଳେ ଅନ୍ୟ କେତେକ କାହାଣୀକୁ ସାଧାରଣ ବୋଲି ମତ ଦେଇଛନ୍ତି। ଏବେ ନଜର ରହିଛି ଆଗାମୀ ସପ୍ତାହାନ୍ତ ଉପରେ। ଯଦି ଛୁଟିଦିନରେ ଦର୍ଶକଙ୍କ ସମର୍ଥନ ବଢ଼େ, ତେବେ ଚଳଚ୍ଚିତ୍ରଟି ପୁଣିଥରେ ବକ୍ସ ଅଫିସ୍‌ରେ ନିଜର ପୁରୁଣା ଗତି ଫେରାଇ ଆଣିପାରିବ ବୋଲି ସିନେ ବିଶ୍ଳେଷକମାନେ ଆଶା ପ୍ରକାଶ କରିଛନ୍ତି ।

# 'ଅଫିସ୍ ଅଫିସ୍' ସିକ୍ୱେଲ୍‌ରେ ଶ୍ରୁତି

ଭାରତୀୟ ଟେଲିଭିଜନ୍‌ର ସ୍ୱର୍ଣ୍ଣିମ କାଳର ଏକ ଲୋକପ୍ରିୟ ଧାରାବାହିକ ହେଉଛି 'ଅଫିସ୍ ଅଫିସ୍'। ୨୦୦୧ରୁ ୨୦୦୬ ଯାଏ ସବ୍ ଟିଭିରେ ପ୍ରସାରିତ ଏହି ବ୍ୟଙ୍ଗାତ୍ମକ କାର୍ଯ୍ୟକ୍ରମରେ ପଙ୍କଜ କପୁର, ସଞ୍ଜୟ ମିଶ୍ର, ମନୋଜ ପାହ୍ୱା ପ୍ରମୁଖ ସ୍ମରଣୀୟ ଚରିତ୍ରରେ ଅଭିନୟ କରିଥିଲେ। ଏବେ ଦୁଇ ଦଶନ୍ଧିର ବ୍ୟବଧାନ ପରେ ଏହି କାର୍ଯ୍ୟକ୍ରମର ଏକ ନୂଆ ସଂସ୍କରଣ ପ୍ରସାରିତ ହେବାକୁ ଯାଉଛି। ଏଥିରେ ନୂଆ କରି ଯୋଡ଼ି ହୋଇଛନ୍ତି ଅଭିନେତ୍ରୀ ଶ୍ରୁତି ଶର୍ମା। ଶ୍ରୁତି ଏଥିରେ ପଙ୍କଜ କପୁରଙ୍କ ଝିଅ ଭୂମିକାରେ ଅଭିନୟ କରିଛନ୍ତି। ଶ୍ରୁତି ସ୍କୁଲ୍‌ରେ ପଢୁଥିବା ସମୟରେ ମା'ଙ୍କ ସହିତ ଏହି କାର୍ଯ୍ୟକ୍ରମ ଦେଖୁଥିଲେ। ତାହା ତାଙ୍କୁ ଏତେ ପ୍ରଭାବିତ କରିଥିଲା ଯେ ସେ ତାହାର ସମସ୍ତ ଚରିତ୍ର ଓ ସ୍ମରଣୀୟ ସଂଳାପ ଆଜି ପର୍ଯ୍ୟନ୍ତ ମନେ ରଖିଛନ୍ତି। ଏବେ ତାଙ୍କୁ ସେହି କାର୍ଯ୍ୟକ୍ରମର ସିକ୍ୱେଲ୍‌ରେ ମୁଖ୍ୟ ଚରିତ୍ରରେ ଅଭିନୟ କରିବାର ସୁଯୋଗ ମିଳିବା ଅବିଶ୍ୱସନୀୟ ମନେ ହେଉଛି। ତେବେ ପ୍ରଥମଥର ଏକ ବ୍ୟଙ୍ଗାତ୍ମକ ଚରିତ୍ରରେ ଅଭିନୟ କରିବା ଖୁବ୍ ଆହ୍ୱାନପୂର୍ଣ୍ଣ ବୋଲି ଶ୍ରୁତି ସ୍ୱୀକାର କରିଛନ୍ତି। ଉଲ୍ଲେଖଯୋଗ୍ୟ ଯେ 'ଗଠବନ୍ଧନ' ଟିଭି ଧାରାବାହିକ ଜରିଆରେ ଶ୍ରୁତି ପ୍ରଥମେ ପ୍ରସିଦ୍ଧ ହୋଇଥିଲେ। ସେ 'ନମକ ଇଶ୍‌କ କା', 'ନଜର ୨', 'ମିଜି' ପରି ଧାରାବାହିକ ଓ 'ହୀରାମଣ୍ଡି' ପରି ୱେବ୍ ସିରିଜ୍ ଜରିଆରେ ଲୋକପ୍ରିୟତାର ବିଭିନ୍ନ ସୋପାନ ଚଢ଼ିଛନ୍ତି।



# ଅମିର୍ ଖାନ ପୁଣି ଥରେ ତାଙ୍କ ବ୍ୟକ୍ତିଗତ ଜୀବନକୁ ନେଇ ଚର୍ଚ୍ଚାରେ



ବଲିଉଡ୍ ସୁପରଷ୍ଟାର ଅମିର୍ ଖାନ ପୁଣି ଥରେ ତାଙ୍କ ବ୍ୟକ୍ତିଗତ ଜୀବନକୁ ନେଇ ଚର୍ଚ୍ଚାରେ ଆସିଛନ୍ତି। ଖବର ଅନୁଯାୟୀ, ସେ ୦୫ ଜୁଲାଇ ୨୦୨୬ ରେ ତାଙ୍କ ପ୍ରେମିକା ଗୌରୀ ସ୍ପ୍ରେଟ ସହ ବିବାହ କରିବେ ବୋଲି ଆଲୋଚନା ହେଉଛି। ଗୌରୀ ସ୍ପ୍ରେଟଙ୍କ ବୟସ ୪୭ ବର୍ଷ ଥିବା ବେଳେ ଅମିରଙ୍କ ବୟସ ୬୦ବର୍ଷ ବୋଲି କୁହାଯାଉଛି। ଗୌରୀ ୨୧ ଅଗଷ୍ଟ ୧୯୭୮ରେ ବେଙ୍ଗାଲୁରୁରେ ଜନ୍ମ ହୋଇଥିଲେ। ଦୁଇଜଣଙ୍କ ମଧ୍ୟରେ ପ୍ରାୟ ୧୪ ବର୍ଷର ବୟସଗତ ପାର୍ଥକ୍ୟ ରହିଛି। ଅମିର୍ ଖାନଙ୍କ ପୂର୍ବ ବିବାହ ଜୀବନ ମଧ୍ୟ ଚର୍ଚ୍ଚାରେ ରହିଛି। ସେ ୧୯୮୬ରେ ପ୍ରଥମେ ରୀନା ଦତ୍ତାଙ୍କ ସହ ବିବାହ କରିଥିଲେ ଏବଂ ୨୦୦୨ ମସିହାରେ ତାଙ୍କର ବିବାହ ବିଚ୍ଛେଦ ହୋଇ ଯାଇଥିଲା। ଏହି ବିବାହରୁ ତାଙ୍କର ଦୁଇ ସନ୍ତାନ ଅଛନ୍ତି। ଜୁନୈଦ ଖାନ ଓ ଆଇରା ଖାନ। ତାପରେ ସେ ୨୦୦୫ ମସିହାରେ ନିର୍ଦ୍ଦେଶିକା କିରଣ ରାଓଙ୍କ ସହ ବିବାହ କରିଥିଲେ। ୨୦୨୧ ମସିହାରେ ଦୁଇଜଣଙ୍କ ଛାଡ଼ପତ୍ର ହୋଇଥିଲା। ତାଙ୍କର ଏକ ପୁଅ ଆଜାଦ ରାଓ ଖାନ ଅଛନ୍ତି।

ଖବର ଅନୁସାରେ, ଅମିର୍ ଖାନ ଓ ଗୌରୀ ସ୍ପ୍ରେଟ ପ୍ରାୟ ୨୦ ମାସ ଧରି ଏକାଠି ରିଲେସନ୍‌ରେ ଅଛନ୍ତି। ଅମିର୍ ଖାନ ଏକ ସାକ୍ଷାତକାରରେ କହିଥିଲେ ଯେ ଗୌରୀ ତାଙ୍କ ଜୀବନକୁ ସମ୍ପୂର୍ଣ୍ଣ କରିଦେଇଛନ୍ତି। ଗୌରୀ ସ୍ପ୍ରେଟ ମୂଳତଃ ବେଙ୍ଗାଲୁରୁର ବାସିନ୍ଦା ଏବଂ ସେ ୱେଲନେସ୍ ଓ ବ୍ୟୁଟି ଇଣ୍ଡଷ୍ଟ୍ରିରେ କାମ କରୁଛନ୍ତି।

# ବଦଳିଲା ସନି ଦେଓଲଙ୍କ ରିଲିଜ୍ ହେବାକୁ ଥିବା ଫିଲ୍ମର ନାମ

ବଦଳିଲା ଫିଲ୍ମର ନାମ। । ସନି ଦେଓଲଙ୍କ ରିଲିଜ୍ ହେବାକୁ ଥିବା ଫିଲ୍ମର ନାମ ହେଲା ପରିବର୍ତ୍ତନ।"ଲାହୋର ୧୯୪୭"ରୁ "ବଟୱାରା ୧୯୪୭"। ୯୦ଦଶକର ଲୋକପ୍ରିୟ କଳାକାର ସନି ଦେଓଲ୍ ପୁଣିଥରେ ବଲିଉଡ୍ ଚଳଚ୍ଚିତ୍ର ଜରିଆରେ ଦର୍ଶକଙ୍କ ମନରୋଞ୍ଜନ କରିବାକୁ ପ୍ରସ୍ତୁତ ଅଛନ୍ତି। ସନି ଆଗାମୀ ଚଳଚ୍ଚିତ୍ରର ନାମ "ବଟୱାରା ୧୯୪୭"। ଏହି ସିନେମାରେ ମୁଖ୍ୟ ଭୂମିକାରେ ନଜର ଆସିବେ ସନି ଦେଓଲ୍। ଫିଲ୍ମର କାହାଣୀଟି ଭାରତ ବିଭାଜନ ତଥା ୧୯୪୭ ମସିହାର ପୃଷ୍ଠଭୂମି ଉପରେ ଆଧାରିତ। ଫିଲ୍ମଟି ଲୋକପ୍ରିୟ ନିର୍ଦ୍ଦେଶକ ରାଜକୁମାର ସନ୍ତୋଷିଙ୍କ ନିର୍ଦ୍ଦେଶନାରେ ତିଆରି ହେଉଛି। ଏହି କାହାଣୀଟି ଲୋକପ୍ରିୟ ଲେଖକ ଅସଗର ୱଜାହତଙ୍କ ଲିଖିତ "ଜିସ ଲାହୋର ନହିଁ ଦେଖା ଓ ଜମ୍ୟା ହି ନହିଁ" ନାଟକରୁ ପ୍ରେରିତ ହୋଇଥିବା ଜଣାପଡ଼ିଛି। ଏହି କାହାଣୀରେ ସନି ଦେଓଲ୍‌ଙ୍କ ସହ ପ୍ରିତି ଜିଣ୍ଟା, ଶବାନା ଆଜମି, ଅଲି ଫଜଲ, କରନ୍ ଦେଓଲ୍ ଏବଂ ଅଭିମନ୍ୟୁ ସିଂ ମଧ ମୁଖ୍ୟ ଭୂମିକାରେ ନଜର ଆସିବେ। ଅମିର ଖାନ୍ ଫିଲ୍ମର ପ୍ରଯୋଜନା ଦାୟିତ୍ୱରେ ଅଛନ୍ତି । ଭାରତ ପାକିସ୍ତାନ ମଧ୍ୟରେ ଥିବା ରାଜନୈତିକ ସମ୍ପର୍କକୁ ଦୃଷ୍ଟିରେ ରଖି ଲାହୋର ନାଁଟି ବିବାଦର କାରଣ ହୋଇପାରେ ବୋଲି ଆଶଂକା କରାଯାଇଛି। ତେଣୁ ୯ ଜୁନ୍ ୨୦୨୬ ରେ ଏହାର ପରିବର୍ତ୍ତିତ ନାମର ଘୋଷଣା କରିବା ସହ ଫିଲ୍ମର ଏକ ଛୋଟ ଝଲକ ଦର୍ଶକଙ୍କ ପାଖରେ ପହଞ୍ଚିଛି। ଯାହାକୁ ଦେଖିବା ପରେ ଦର୍ଶକଙ୍କ ମଧ୍ୟରେ ସିନେମାକୁ ନେଇ ବେଶ ଉତ୍ସାହ ଭରି ରହିଛି।



# ସଲମାନଙ୍କ ସହିତ କାମ କରିବାର ଅନୁଭବ ଖୁବ ନିଆରା: ମହିଳା କୋରିଅଗ୍ରାଫର୍

ଶିବାନୀ ଖାନ୍ ବଲିଉଡର ଜଣାଶୁଣା କୋରିଅଗ୍ରାଫର୍ ମଧ୍ୟରୁ ଜଣେ। ସେ ବଲିଉଡ ସୁପରଷ୍ଟାର ସଲମାନଖାନଙ୍କ ଜଣେ ପ୍ରିୟ ବ୍ୟକ୍ତି। ପିଲାଟି ଦିନରୁ ଡାକ୍ତର ହେବାର ସ୍ୱପ୍ନ ଦେଖିଥିବା ଶିବାନୀ ପରିସ୍ଥିତିରେ ପଡ଼ି ସିନେମା ଇଣ୍ଡଷ୍ଟ୍ରିରେ ପ୍ରବେଶ କରିଥିଲେ। ପରିବାରର ଆର୍ଥିକ ସମସ୍ୟାକୁ ଦୃଷ୍ଟିରେ ରଖି ଖୁବ କମ୍ ବୟସରୁ ସେ ଏ ସିନେ-ଶିଳ୍ପରେ କାମ କରିବା ଆରମ୍ଭ କରିଥିଲେ।। ପ୍ରଥମେ ଗଣେଶ ଆଚାର୍ଯ୍ୟଙ୍କ ସହ କାମ ଆରମ୍ଭ କରିଥିଲେ। ନିକଟରେ ଶିବାନୀ ଏକ ସାକ୍ଷାତକାରରେ ଯୋଗ ଦେଇଥିଲେ। ଏଥିରେ ସେ ସଲମାନଙ୍କ ସହ କାମ କରିବାକୁ ପସନ୍ଦ କରିବା ସହ ସୁରକ୍ଷିତ ଅନୁଭବ କରନ୍ତି ବୋଲି ସମସ୍ତଙ୍କ ସମ୍ମୁଖରେ ସ୍ପଷ୍ଟ ଭାବେ କହିଛନ୍ତି। କାଷ୍ଟିଙ୍ଗ୍ କାଉଚ୍ ବିଷୟରେ ଆଲୋଚନା କରି ଶିବାନୀ କହିଛନ୍ତି, ' ଖୁବ୍ କମ୍ ବୟସରୁ ମୁଁ ଏପରି ପରିସ୍ଥିତିର ସମ୍ମୁଖୀନ ହୋଇଛି। ହେଲେ ସବୁବେଳେ ନିଜକୁ ପ୍ରତିଟି ପରିସ୍ଥିତିରେ ସୁରକ୍ଷିତ ରଖିବାକୁ ଚେଷ୍ଟା କରିଛି। ଲୋକଙ୍କ ଖରାପ ଦୃଷ୍ଟିରୁ ନିଜକୁ ରକ୍ଷା କରିବା ପାଇଁ ମୁଁ ମୋ ପୋଷାକ ପରିଧାନ ପରିବର୍ତ୍ତନ କରିଥିଲା। ମୋ ମା' ସର୍ବଦା ମୋତେ ଗୋଟେ କଥା କହୁଥିଲା। ଭୋକରେ ରହିଯିବୁ କିନ୍ତୁ ଭୁଲ ରାସ୍ତାରେ ପାଦ ଦେବୁ ନାହିଁ। ମୋର ଗୋଟିଏ କଥା ଯେକୌଣସି କ୍ଷେତ୍ର ହେଉ ନା କାହିଁକି ଯେଉଁ ଯୁବତୀମାନେ ମି ଠୁର ଶିକାର ହେଉଛନ୍ତି ସେମାନେ ତୁରନ୍ତ ସ୍ୱରଉତ୍ତୋଳନ କରନ୍ତୁ। ବିଳମ୍ବରେ କଲେ କିଛି ଲାଭ ମିଳିବ ନାହିଁ। ଓଲଟି ଲୋକେ ଚରିତ୍ର ଉପରେ ଆଙ୍ଗୁଳି ଉଠାଇବେ। ମୋ ମତରେ ଭୁଲ କରନ୍ତୁ ନାହିଁ କି ଭୁଲକୁ ପ୍ରସୟ ଦିଅନ୍ତୁ ନାହିଁ।'






# ଓଲିଉଡ୍ ଚଳଚ୍ଚିତ୍ର 'ମେହେର ମୁଣ୍ଡା' କରମୁକ୍ତ

ବିଶିଷ୍ଟ ଚଳଚ୍ଚିତ୍ର ନିର୍ଦ୍ଦେଶକ ଶ୍ରୀ ନିକୁଞ୍ଜ ହୋତାଙ୍କ ଦ୍ୱାରା ନିର୍ଦ୍ଦେଶିତ ଓଡିଆ ଚଳଚ୍ଚିତ୍ର 'ମେହେର ମୁଣ୍ଡା'କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କରମୁକ୍ତ ଘୋଷଣା କରିଛନ୍ତି। ଏ ସଂକ୍ରାନ୍ତୀୟ ପ୍ରସ୍ତାବକୁ ମୁଖ୍ୟମନ୍ତ୍ରୀ ଆଜି (ମଙ୍ଗଳବାର) ଅନୁମୋଦନ କରିଛନ୍ତି । ସୂଚନାଯୋଗ୍ୟ, ଓଡିଶାର ହସ୍ତତନ୍ତ ବୁଣାକାର ସଂପ୍ରଦାୟଙ୍କ ଜୀବନ, ସଂଘର୍ଷ, ସହନଶୀଳତା ଓ ସଫଳତା ଉପରେ ଆଧାରିତ ଏହି ଚଳଚ୍ଚିତ୍ର ୨୦୨୬ ମେ ୧୫ ତାରିଖରେ ମୁକ୍ତିଲାଭ କରିଛି। ଓଡିଶାର ମହାନ ପାରମ୍ପରିକ ଐତିହ୍ୟ ଓ କାରିଗରୀ କୌଶଳକୁ ଏହି ଚଳଚ୍ଚିତ୍ର ମାଧ୍ୟମରେ ନିଛକ ଭାବେ ପ୍ରଦର୍ଶିତ କରାଯାଇଥିବାରୁ ମୁଖ୍ୟମନ୍ତ୍ରୀ ଏହାକୁ କରମୁକ୍ତ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି।



## ସୁଭଦ୍ରା ଯୋଜନା

**୧ କୋଟି**ରୁ
ଅଧିକ ମହିଳା ଆର୍ଥିକ ସଶକ୍ତ

## ଲକ୍ଷପତି ଦିଦି

**୨୩.୪୭ ଲକ୍ଷ**
ମହିଳାଙ୍କ ନୂତନ ପରିଚୟ



# ବିକାଶର ଧାର

## ମୁଖ୍ୟମନ୍ତ୍ରୀ ସମ୍ପୂର୍ଣ୍ଣ ପୁଷ୍ଟି ଯୋଜନା

କିଶୋରୀ, ମା' ଓ ଶିଶୁଙ୍କ ପୋଷଣ
ସଶକ୍ତିକରଣର ନୂଆ ଅଧ୍ୟାୟ

## ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା

ଆର୍ଥିକ ଦୁର୍ବଳ ପରିବାର ପାଇଁ ବରଦାନ
୧,୩୦୦ରୁ ଊର୍ଦ୍ଧ୍ୱ ଦମ୍ପତିଙ୍କ ବିବାହ ସମ୍ପନ୍ନ

ବୃତ୍ତିଗତ ଶିକ୍ଷାରେ
ଅନୁସୂଚିତ ଜନଜାତିଙ୍କ ପାଇଁ
**୨୨.୫%**,
ଅନୁସୂଚିତ ଜାତିଙ୍କ ପାଇଁ
**୧୬.୨୫%**
SEBC ପାଇଁ **୧୧.୨୫%**
ସଂରକ୍ଷଣ

**୪୪,୮୭୫** ଶିଶୁ ବାଟିକା ମାଧ୍ୟମରେ
**୩.୨ ଲକ୍ଷ** ଶିଶୁ ଉପକୃତ



ଆୟୁଷ୍ମାନ ଭାରତ -
ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା
**୩.୪୭ କୋଟି** ଲୋକ ଉପକୃତ

ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ
**୧୨ ହଜାର କୋଟି**ରେ **୨,୨୦୦**
ସୁଦୃଢୀକରଣ ପରିକଳ୍ପନା

**₹୭ ହଜାର**
ବ୍ୟୟରେ ରାଜ୍ୟ
ବିଦ୍ୟୁତ୍ ଭିତ୍ତିଭୂମି
୩୯,୭୭୦ ଗ୍ରାମୀଣ ପରିବ
ବିଦ୍ୟୁତ ସଂଯୋଗ







ସାମାଜିକ ସୁରକ୍ଷା ପେନ୍‌ସନ ଯୋଜନା
**୫୭ଲକ୍ଷ**ରୁ ଅଧିକ ହିତାଧିକାରୀଙ୍କୁ
ସହାୟତା

**₹୩.୬ ଲକ୍ଷ କୋଟି** ପୁଞ୍ଜିନିବେଶରେ
୩୪ ପ୍ରକଳ୍ପ ଯୋଗେ
**୨,୫୨,୦୦୦** ନିଯୁକ୍ତି ସୃଷ୍ଟି

MMSY
**୧୧,୫**
ଏବଂ ସେ

ସୂଚନା ଓ ଲୋକ ସମ୍ପର୍କ

15001/63/2627

୨ ବର୍ଷରେ ଗୁଣା ବିକାଶ



ପ୍ରଧାନମନ୍ତ୍ରୀ ଆବାସ ଯୋଜନା
ଅନ୍ତ୍ୟୋଦୟ ଗୃହ ଯୋଜନା
ପ୍ରାୟ **୫ ଲକ୍ଷ** ପରିବାରଙ୍କୁ
ମିଳିଛି ପକ୍କାଘର

ଖାଦ୍ୟ ସୁରକ୍ଷା ଯୋଜନା
**୩ କୋଟି**ରୁ ଊର୍ଦ୍ଧ୍ୱ
ହିତାଧିକାରୀଙ୍କୁ ସହାୟତା



ା, ଓଡ଼ିଶା ସାରା

**₹ ୪,୮୭୦ କୋଟି**ରେ
ସମୃଦ୍ଧ ସହର ଯୋଜନା ଆରମ୍ଭ



ସହିଦ ମାଧୋ ସିଂହ ହାତ ଖର୍ଚ୍ଚ ଯୋଜନା
୨ ବର୍ଷରେ **୩.୨୨ ଲକ୍ଷ** ଜନଜାତି
ଛାତ୍ରଛାତ୍ରୀ ଉପକୃତ

ବିଦ୍ୟାଳୟର



ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା
**୪ ଲକ୍ଷ**ରୁ ଅଧିକ ଗୋପାଳକଙ୍କୁ
**₹୩୨୬ କୋଟି**ର ଆର୍ଥିକ ସହାୟତା ପ୍ରଦାନ



କୋଟି
ର
ର ବିକାଶ
ରକୁ

**₹୧୭ ହଜାର କୋଟି**ରେ
୯,୦୦୦ କି.ମି. ରାସ୍ତା ଓ ୫୭ଟି
ସେତୁ ନିର୍ମିତ

-୯୬ କିଲୋମିଟର ସବୁଦିନିଆ ଗ୍ରାମ୍ୟ ରାସ୍ତା
ତୁ ବନ୍ଧନ ଯୋଜନାରେ **୫୬୬**ଟି ସେତୁ ନିର୍ମିତ



ସମୃଦ୍ଧ କୃଷକ ଯୋଜନା
**୧୯ ଲକ୍ଷ** ଚାଷୀଙ୍କୁ
**₹୧୩ ହଜାର କୋଟି**ର
ଇନ୍‌ପୁଟ୍ ସହାୟତା ପ୍ରଦାନ

ସିଏମ କିଷାନ ଯୋଜନା
୩ ହଜାର କୋଟିରେ
**୫୧ ଲକ୍ଷ** ଚାଷୀ ଉପକୃତ



ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା
ଯୋଜନାରେ
**୩ କୋଟି**ରୁ ଅଧିକ
ଲୋକ ହେବେ ଉପକୃତ

**୨.୭୮ ଲକ୍ଷ** ହେକ୍ଟର ଜମିକୁ
ନିଶ୍ଚିତ ଜଳସେଚନ ସୁବିଧା

ବିଭାଗ, ଓଡ଼ିଶା ସରକାର

OIPR: 15001/150012/26-27/0063

# ଇଣ୍ଡେନ୍ ଗ୍ୟାସ ଗୋଦାମରୁ ଚୋରି ଘଟଣା : ଚୋରି ସାମଗ୍ରୀ ଜବତ, ଅଭିଯୁକ୍ତ ଗିରଫ

ସମ୍ବଲପୁର, ୧୧/୦୬ (ନି.ପ୍ର): ସମ୍ବଲପୁର ଜିଲ୍ଲା ବୁର୍ଲା ଥାନା ଅନ୍ତର୍ଗତ ମହତାବନଗର ସ୍ଥିତ ଇଣ୍ଡେନ୍ ଗ୍ୟାସ ଗୋଦାମରେ ଘଟିଥିବା ଚୋରି ଘଟଣାରେ ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି।

ଗିରଫ ଅଭିଯୁକ୍ତ ଜଣଙ୍କ ବୁର୍ଲା ଥାନା ଅନ୍ତର୍ଗତ ମହତାବନଗର ଅଞ୍ଚଳର ୨୮ ବର୍ଷିୟ କରଣ ସେଠ ଓରଫ ବିକି ବୋଲି ଜଣାପଡିଛି। ପୋଲିସ ସୂଚନା ଅନୁଯାୟୀ, ଗତ ଏପ୍ରିଲ ୧୯ ତାରିଖ ରାତି ୧୧ଟାରୁ ସକାଳ ୭ଟା ପର୍ଯ୍ୟନ୍ତ ଅଭିଯୁକ୍ତ କରଣ ଓ ନିଜର ଦୁଇ ସହଯୋଗୀ ଉକ୍ତ ଇଣ୍ଡେନ୍ ଗ୍ୟାସ ଗୋଦାମରେ ପଶି ବୋହି ନେବାର ସକ୍ଷମ ଅନୁଯାୟୀ ସର୍ବସ୍ୱ ଚୋରି କରି ଫେରାର ହୋଇ ଯାଇଥିଲେ। ଥାନାରେ ଅଭିଯୋଗ ହେବାପରେ ପୋଲିସ ଏହି ଘଟଣାର ଅନୁସନ୍ଧାନ କରୁଥିବା ବେଳେ ହଠାତ୍ ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇ ପୋଲିସ ସୋମବାର ରାତି ୧୧ ଠାରୁ ସାଢ଼େ ୧୧ଟା ମଧ୍ୟରେ ନିର୍ଦ୍ଦିଷ୍ଟ ସ୍ଥାନରେ ଚଢ଼ଉ କରିଥିଲା । ଘଟଣାସ୍ଥଳରୁ ପୋଲିସ କରଣଙ୍କୁ ଗିରଫ କରିବା ସହ ତା' ନିକଟରୁ ଏକ ସୁଜୁକି ବର୍ଗମ୍ୟାନ ସ୍କୁଟର, ଏକ ଲୁହା ଛୁରୀ, ଏକ ଫ୍ରଣ୍ଟେକ୍ ସିପିୟୁ, କି ବୋର୍ଡ, ମାଉସ, ମନିଟର, ୧୪ କେଜି ବିଶିଷ୍ଟ ଦୁଇଟି ଖାଲି ଗ୍ୟାସ ସିଲିଣ୍ଡର, ଗ୍ୟାସ ରିଫିଲିଂ କେବୁଲ ଓ ଏକ ଏଲଇଡି ଲାଇଟ୍ ସମେତ ବିଭିନ୍ନ ଚୋରି ସାମଗ୍ରୀ ଜବତ କରିଥିଲା। ପୋଲିସ କରଣ ବିରୋଧରେ ୧୬୫/୨୬ ରେ ଏକ ମାମଲା ରୁଜୁ କରି ଆଜି ତାକୁ କୋର୍ଟ ଚାଲାଣ କରିଛି । ଏବେ ଏହି ଚୋରି ଘଟଣାରେ ସମ୍ପୃକ୍ତ ଥିବା କରଣର ଦୁଇ ସହଯୋଗୀ ଫେରାର ଥିବାରୁ ସେମାନଙ୍କୁ ଗିରଫ କରିବା ପାଇଁ ପୋଲିସ ଜୋରଦାର ତନାଘନା ଜାରି ରଖିଥିବା ଜଣାପଡିଛି ।

# ସମାଜ ପ୍ରତି ଦାୟିତ୍ୱବୋଧର ଅନନ୍ୟ ଉଦାହରଣ: ଛୁଟିରେ ପିଲାଙ୍କ ଭବିଷ୍ୟତ ଗଢୁଛନ୍ତି ଧୁଲୁଣ୍ଡାର ଯୁବଗୋଷ୍ଠୀ

ଝାରସୁଗୁଡା , ୧୧/୦୬ (ନି.ପ୍ର): ଆଜିର ସମୟରେ ଯେତେବେଳେ ବ୍ୟକ୍ତିଗତ ସଫଳତା ଓ ସହରମୁଖୀ ଜୀବନଶୈଳୀକୁ ଅଧିକ ଗୁରୁତ୍ୱ ଦିଆଯାଉଛି, ସେତେବେଳେ ଝାରସୁଗୁଡ଼ା ଜିଲ୍ଲା ଲଖନପୁର ବ୍ଲକ ଚାରପାଲି ଗ୍ରାମ ପଞ୍ଚାୟତ ଅଧୀନସ୍ଥ ଧୁଲୁଣ୍ଡା ଗ୍ରାମ ସମାଜ ପ୍ରତି ଦାୟିତ୍ୱବୋଧର ଏକ ଉଜ୍ଜ୍ୱଳ ଦୃଷ୍ଟାନ୍ତ ସୃଷ୍ଟି କରିଛି। ସୀମାନ୍ତ ୧୯ ଖଣ୍ଡ ମୌଜା ଅଞ୍ଚଳର ଏହି ଗ୍ରାମ ଆଜି ଶିକ୍ଷା କ୍ଷେତ୍ରରେ ଏକ ଆଦର୍ଶ ଗ୍ରାମ ଭାବେ ପରିଚିତ ହୋଇପାରିଛି।

ଗ୍ରାମର ଶିକ୍ଷିତ ଯୁବକ, ଶିକ୍ଷକ ଓ ସଚେତନ ନାଗରିକମାନେ ମିଳିତ ଭାବେ ପିଲାମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ ଗଢ଼ିବା ପାଇଁ ଏକ ନିରବ ଶିକ୍ଷା ଆନ୍ଦୋଳନ ଚଳାଇ ଆସୁଛନ୍ତି। ଗ୍ରୀଷ୍ମ ଅବକାଶ ସମୟରେ ଅନ୍ୟମାନେ ବିଶ୍ରାମ ନେଉଥିବା ବେଳେ ଧୁଲୁଣ୍ଡାର ଯୁବଗୋଷ୍ଠୀ ଓ ଶିକ୍ଷକମାନେ ନିଜ ସମୟକୁ ଗ୍ରାମର ଛାତ୍ରଛାତ୍ରୀଙ୍କ ଶିକ୍ଷାଦାନ ପାଇଁ ଉତ୍ସର୍ଗ କରୁଛନ୍ତି। ୨୦୧୬ ମସିହାରେ ମାତ୍ର ୧୫ ଜଣ ଛାତ୍ରଛାତ୍ରୀଙ୍କୁ ନେଇ ଆରମ୍ଭ ହୋଇଥିବା ନିଃଶୁଳ୍କ ଗ୍ରୀଷ୍ମକାଳୀନ ଶିକ୍ଷା ଶିବିର ଆଜି ୧୧ ବର୍ଷରେ ପଦାର୍ପଣ କରି ୯୦ରୁ ଅଧିକ ଛାତ୍ରଛାତ୍ରୀଙ୍କ ଜୀବନ ଗଢ଼ିବାରେ ସହାୟକ ହୋଇଛି। ଆଦର୍ଶ, କେନ୍ଦ୍ରୀୟ ଓ ନବୋଦୟ ବିଦ୍ୟାଳୟରେ କାର୍ଯ୍ୟରତ ଶିକ୍ଷକମାନେ ନିଜ ଛୁଟି ସମୟରେ ଗାଁକୁ ଫେରି ପିଲାମାନଙ୍କୁ ପାଠ ପଢ଼ାଉଛନ୍ତି।

ଏହି ଶିବିରରେ କୌଣସି ପ୍ରକାର ଶୁଳ୍କ ନିଆଯାଉ ନଥିବା ବେଳେ 'ଗୁରୁ ଦକ୍ଷିଣା' ଭାବେ ପ୍ରତ୍ୟେକ ଛାତ୍ରଛାତ୍ରୀଙ୍କୁ ଏକ ଲେଖାଏଁ ଗଛ ରୋପଣ କରିବାକୁ ପ୍ରେରିତ କରାଯାଉଛି। ଏହା ମାଧ୍ୟମରେ ଶିକ୍ଷା ସହ ପରିବେଶ ସୁରକ୍ଷା ଓ ସାମାଜିକ ମୂଲ୍ୟବୋଧର ବିକାଶ ମଧ୍ୟ ହେଉଛି। ପାଠପଢ଼ା ସହ ଶୃଙ୍ଖଳା, ବ୍ୟକ୍ତିତ୍ୱ ବିକାଶ, ପ୍ରତିଯୋଗିତାମୂଳକ ପରୀକ୍ଷା ପ୍ରସ୍ତୁତି ଓ କ୍ୟାରିୟର ମାର୍ଗଦର୍ଶନ ଉପରେ ବିଶେଷ ଗୁରୁତ୍ୱ ଦିଆଯାଉଛି।

ଧୁଲୁଣ୍ଡା ଗ୍ରାମର ଶିକ୍ଷାଗତ ସଫଳତାର ପ୍ରମାଣ ସ୍ୱରୂପ ଏଠାରୁ ୭୧ ଜଣ ସରକାରୀ କର୍ମଚାରୀ ବିଭିନ୍ନ ବିଭାଗରେ କାର୍ଯ୍ୟରତ ଅଛନ୍ତି। ସେମାନଙ୍କ ମଧ୍ୟରେ ୩୯ ଜଣ ଶିକ୍ଷକ, ୧୨ ଜଣ ପୋଲିସ କର୍ମଚାରୀ, ୩ ଜଣ ପ୍ରତିରକ୍ଷା ବିଭାଗ କର୍ମଚାରୀ, ୩ ଜଣ ରେଳବାଇ କର୍ମଚାରୀ, ୩ ଜଣ ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀ ଓ ୨ ଜଣ ଡାକ ବିଭାଗ କର୍ମଚାରୀ ରହିଛନ୍ତି। ବିଶେଷ କଥା ହେଉଛି, ଏହି ସରକାରୀ କର୍ମଚାରୀମାନଙ୍କ ମଧ୍ୟରୁ ଅନେକେ ଆଜି ମଧ୍ୟ ନିଜ ଗାଁର ପିଲାମାନଙ୍କ ପାଇଁ ସମୟ ଦେଇ ଏହି ଶିକ୍ଷା ଶିବିରକୁ ସଫଳ କରିବାରେ ଭୂମିକା ନେଉଛନ୍ତି।

ଏହି ପ୍ରୟାସର ଫଳସ୍ୱରୂପ ଅନେକ ଛାତ୍ରଛାତ୍ରୀ ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷାରେ ୯୦ ପ୍ରତିଶତରୁ ଅଧିକ ନମ୍ବର ରଖି ସଫଳତା ହାସଲ କରୁଛନ୍ତି। ଧୁଲୁଣ୍ଡାର ଏହି ଉଦ୍ୟମ ପ୍ରମାଣ କରିଛି ଯେ, ସମାଜ ପ୍ରତି ଦାୟିତ୍ୱବୋଧ ଓ ସାମୂହିକ ପ୍ରୟାସ ଥିଲେ ଗ୍ରାମାଞ୍ଚଳ ମଧ୍ୟ ଶିକ୍ଷାର ଏକ ସଶକ୍ତ କେନ୍ଦ୍ରରେ ପରିଣତ ହୋଇପାରିବ। ଧୁଲୁଣ୍ଡାର ଏହି ନିରବ ଶିକ୍ଷା ବିପ୍ଳବ ଆଜି ସମଗ୍ର ସମାଜ ପାଇଁ ଏକ ପ୍ରେରଣାଦାୟକ ଦିଗଦର୍ଶନ ପାଲଟିଛି।

# ୬ ଆନ୍ତଃରାଜ୍ୟ ଡକାୟତ ଗିରଫ

ଚମ୍ପୁଆ, ୧୧/୦୬ (ନି.ପ୍ର): ଚମ୍ପୁଆ ପୁଲିସ ଦ୍ୱାରା ୬ ଆନ୍ତଃରାଜ୍ୟ ଡକାୟତ ଗିରଫ ହୋଇ ଥିବା ଜଣା ପଡିଛି । ଗିରଫ ପରେ ସେମାନଙ୍କୁ ଜେଲ ହାଜତକୁ ପଠାଇ ଦେଇଥିବା ଚମ୍ପୁଆ ଆଇଆଇସି ସ୍ୱରୂପ ରଞ୍ଜନ ନାୟକ ସୂଚନା ଦେଇଛନ୍ତି । ମିଳିଥିବା ସୂଚନା ଅନୁସାରେ ବିଭିନ୍ନ ଲୁଟ୍ ଓ ଛିନତାଇ ମାମଲାରେ ୬ ଜଣ ଆନ୍ତଃରାଜ୍ୟ ଡ଼କାୟତଙ୍କୁ ଗତକାଲି ୮ ତାରିଖରେ ଚମ୍ପୁଆ ପୁଲିସ ପଡୋଶୀ ଝାଡ଼ଖଣ୍ଡ ରାଜ୍ୟର ମଝିଗାଁ ଅଂଚଳରୁ ଗିରଫ କରିଛି । ଗିରଫ ବ୍ୟକ୍ତି ମାନେ ହେଲେ ମହମ୍ମଦ ରାହାତ ପିତା ଏମଡି ଅମିରୁଦ୍ଦିନ, ମହମ୍ମଦ ଆଜାଦ ପିତା ଏମଡି ଅମିରୁଦ୍ଦିନ, ମହମ୍ମଦ ହୋସେନ, ମହମ୍ମଦ ସୁଜାଉଦ୍ଦିନ, ମହମ୍ମଦ ଅମିଉଲା ପିତା ସ୍ୱ-ଏମଡି ମନିର, ମହମ୍ମଦ ସଲିମ ପିତା ଏମଡି ରଫିକ ଓ ମହମ୍ମଦ ତାଜିମ ପିତା ସ୍ୱ-ଆଲ୍ଲାଉଦ୍ଦିନ ବୋଲି ଜଣାପଡିଛି । ଏହି ୬ଜଣ ଆନ୍ତଃରାଜ୍ୟ ଡକାୟତ ବିଭିନ୍ନ ଡ଼କାୟତି ମାମଲାରେ ଜଡିତ ଥିଲେ । ଏମାନଙ୍କ ନାଁରେ କେନ୍ଦୁଝର ଜିଲ୍ଲାର ବିଭିନ୍ନ ଥାନା ଅଂଚଳରୁ ଅନେକ ଡ଼କାୟତ ମାମଲା ରହିଛି । ଏମାନଙ୍କୁ ଗିରଫ କରିବାକୁ ଚମ୍ପୁଆ, ତୁରୁମୁଙ୍ଗା ପୁଲିସ ସହ କେନ୍ଦୁଝର ପୁଲିସ ର ଏକ ସ୍ୱତନ୍ତ୍ର ଟିମ୍ ଝାଡ଼ଖଣ୍ଡ ମଝିଗାଁ ଅଂଚଳରେ ମିଳିତ ଭାବେ ଚଢ଼ାଉ କରିଥିଲେ । ଏହି ଚଢ଼ାଉରେ ଡ଼କାୟତ ମାନଙ୍କୁ ଗିରଫ କରିବାରେ ପୁଲିସ ସକ୍ଷମ ହୋଇଛି । ଏମାନଙ୍କ ନାମରେ ଭାରତୀୟ ଦଣ୍ଡବିଧି ଆଇନଧାରା ୩୩୧(୩)/ ୩୦୫(ଏ ବିଏନଏସ) ପରିବର୍ତ୍ତିତ ହୋଇ ୩୩୧(୩)/ ୩୦୫(ଏ)୩(୫), ଚମ୍ପୁଆ ଥାନା କେସ ନଂ୧୬୯/୨୬ରେ ଏକ ମାମଲା ରୁଜୁ କରାଯାଇଛି । ଚମ୍ପୁଆ ପୁଲିସ ଏସଡିପିଓ ରଶ୍ମିରଞ୍ଜନ ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଚମ୍ପୁଆ ଥାନା ଆଇଆଇସି ସ୍ୱରପ ରଞ୍ଜନ ନାୟକଙ୍କ ସ୍ୱତନ୍ତ୍ର ପୁଲିସ ଦଳ ଉକ୍ତ ଚଢାଉରେ ସାମିଲ ହୋଇ ଏହି ଆନ୍ତଃରାଜ୍ୟ ଲୁଟେରା ଦଳକୁ ଗିରଫ କରିବାରେ ସକ୍ଷମ ହୋଇଥିବା ଚମ୍ପୁଆ ପୁଲିସ ପକ୍ଷରୁ ସୂଚନା ମିଳିଛି। ଡକାୟତି ମାମଲାରେ ଚମ୍ପୁଆ ପୁଲିସକୁ ଏକ ବଡ଼ ସଫଳତା ମିଳିଥିବା କୁହାଯାଉଛି।

# ବିକ୍ରମ ଦେବ ବିଶ୍ୱ ବିଦ୍ୟାଳୟର ସ୍ନାତକ ପରୀକ୍ଷାଫଳ ପ୍ରକାଶିତ

ଜୟପୁର, ୧୧/୦୬ (ନି.ପ୍ର): ଜୟପୁର ସ୍ଥିତ ବିକ୍ରମ ଦେବ ବିଶ୍ୱ ବିଦ୍ୟାଳୟର ସ୍ନାତକ ପରୀକ୍ଷା ଫଳ ଆଜି ପ୍ରକାଶିତ ହୋଇଛି । ବିଶ୍ୱ ବିଦ୍ୟାଳୟର ପ୍ରଥମ ପରୀକ୍ଷା ଫଳ ପ୍ରକାଶିତ ହୋଇଛି । ଏନେଇ ଆଜି ବିଶ୍ୱ ବିଦ୍ୟାଳୟ ପରିସରରେ ସାମ୍ବାଦିକ ସମ୍ମିଳନି କରି ସୁଚନା ଦେଇଛନ୍ତି । ଏହି ସାମ୍ବାଦିକ ସମ୍ମିଳନିରେ ଭାଇସ ଚାନସଲେର ପ୍ରଫେସର ହୃଷିକେଶ ସେନାପତି, କୁଳପତି ମହେଶ୍ୱର ଚନ୍ଦ୍ର ନାୟକ, ସିଓଇ ରଞ୍ଜନ କୁମାର ପ୍ରଧାନ, ସିପିଜିସି ପ୍ରଶାନ୍ତ କୁମାର ପାତ୍ର, ପିଆରଓ ଲକ୍ଷ୍ମଣ ପାତ୍ର ଉପସ୍ଥିତ ଥିଲେ । ଶ୍ରେଷ୍ଠ କଳା ସ୍ନାତକ ବିକ୍ରମ ଦେବ ବିଶ୍ୱ ବିଦ୍ୟାଳୟର ଭୁଗୋଳରେ ସୁଦିପ୍ତା ଜ୍ୟୋତି ପାତ୍ର, ଶ୍ରେଷ୍ଠ ବିଜ୍ଞାନ ସ୍ନାତକ ଘଢାଇ ରେସିଡେନ୍ସିଆଲ ଡ୍ରିଗ୍ରୀ କଲେଜ ମାଲକାନଗିରିର ରସାୟନ ବିଜ୍ଞାନ ରେ ଭୁପେନ ରାୟ , ଗୁଣୁପୁର କଲେଜ ଗୁଣୁପୁରର ଶ୍ରେଷ୍ଠ ବାଣିଜ୍ୟ ସ୍ନତକ ଭାବରେ ବିଶ୍ୱନାଥ ସାଗର ରହିଛନ୍ତି । ଟପ୍ପର ବିବିଏ ରେ ବିକ୍ରମ ଦେବ ବିଶ୍ୱ ବିଦ୍ୟାଳୟର ପି ଗାୟତ୍ରୀ, ଏମଆଇପିଏସ ରାୟଗଡାର ଟପ୍ପର ବିସିଏ ଆରିୟନ କୁମାର ରଜକ, ଟପ୍ପର ବିଇଡି ରେ ବିକ୍ରମ ଦେବ ବିଶ୍ୱ ବିଦ୍ୟାଳୟର ପ୍ରିୟଙ୍କା ସାବତ ରହିଛନ୍ତି । ସେହିପରି ବିଏସି ଟପ୍ପର ରେ ଉଭିଦ ବିଜ୍ଞାନ ରେ ସରକାରୀ ଡିଏଭି କଲେଜ କୋରାପୁଟର ସୁମନ କୁମାର ସାହୁ, ରସାୟନ ବିଜ୍ଞାନରେ ଘୋରାଇ ରେସିଡେନ୍ସିଆଲ ଡିଗ୍ରୀ କଲବେ ମାଲକାନଗିରି ଭୁପେନ ରାୟ, କମ୍ପୁଟର ସାଇନ୍ସରେ ଟାଇମସ ଡିଗ୍ରୀ କଲେଜର ଜୟପୁରର ସେକ ସହିଦ ଦୁନାସା, ଆଇଟି ବିଭାଗରେ ମା ମାର୍କାମା ଯୁକ୍ତ ତିନି କଲେଜର ବିଷମକଟକର ସଦାଶିବ ପାଟିକା ଟପ୍ପର ହୋଇଛନ୍ତି । ସେହିପରି ଗଣିତରେ ଟାଇମସ ଡିଗ୍ରୀ କଲେଜ ଜୟପୁର ବର୍ଷା ପଣ୍ଡା, ପଦାର୍ଥ ବିଜ୍ଞାନର ଟପ୍ପର ମା ମାର୍କାମା ଯୁକ୍ତ ତିନି କଲେଜ ବିଷମ କଟକ ସାରଦା ପ୍ରିୟଦର୍ଶନି, ଷ୍ଟାଟିଷ୍ଟିକସରେ ବିକ୍ରମ ଦେବ ବିଶ୍ୱ ବିଦ୍ୟାଳ୍ୟର ସମ୍ରିଷା ପଲାଇ, ଜୀବ ବିଜ୍ଞାନରେ ମା ମାର୍କାମି ଯୁକ୍ତ ୩ କଲେଜର ବିଷମକଟକର ଆଶିଷ କୁମାର ସିଂ ଟପ୍ପର ହୋଇଛନ୍ତି । ସେହିପରି ବାଣିଜ୍ୟରେ ଗୁଣୁପୁର କଲେଜ ର ବିଶ୍ୱ ନାଥ ଶବର ଟପ୍ପର ହୋଇଛନ୍ତି । କଳା ବିଭାଗରେ ଟପ୍ପର ଭାବରେ ମାନବ ବିଜ୍ଞାନରେ ବିକ୍ରମ ବିଶ୍ୱ ବିଦ୍ୟାଳୟର ଡି ଡକ୍ସା, ଅର୍ଥନିତି ବିଜ୍ଞାନରେ ମୁନିଗୁଡା ଡିଗ୍ରୀ କଲେଜ ସାନସିକ ଓଝା, ଶିକ୍ଷା ବିଜ୍ଞାନରେ ବିକ୍ରମ ଦେବ ବିଶ୍ୱ ବିଦ୍ୟାଳୟ ମାମୁନି ସାହୁ, ଇଁରାଜୀରେ ବିକ୍ରମ ଦେବ ବିଶ୍ୱ ବିଦ୍ୟାଳ୍ୟର ଯଜସ୍ୱିନୀ ମିଶ୍ର, ଭୁଗୋଳରେ ବିକ୍ରମ ଦେବ ବିଶ୍ୱ ବିଦ୍ୟାଳ୍ୟୟର ସୁଦିପ୍ତା ଜ୍ୟୋତି ପାତ୍ର, ହିନ୍ଦିରେ ସରକାରୀ ଡିଏଭି କଲେଜ କୋରାପୁଟର ସୁଚରିତା ଜିଲକାରା, ଇତିହାସରେ ଆୟୁସ ଡିଗ୍ରୀ କଲେଜ ରାମନାଗୁଡାର ମାନିନି ପାଣି, ଗୃହ ବିଜ୍ଞାନରେ ସରକାରି ମହିଳା ମହାବିଦ୍ୟାଳୟ ଜୟପୁରର ପାୟଲ ଲାଲ, ଆଇଆରପିଏମ ରେ ଆୟୁସ ଡିଗ୍ରୀ କରେଜ ରାମନାଗୁଡାର ଜି, ଜି ଦିକ୍ଷିତା, ଓଡିଆରେ ବିଜୁପଟ୍ଟନାୟକ କଲେଜ କୁନ୍ଦୁରାର ମଧୁ ସ୍ମିତା ହରିଜନ, ଦର୍ଶନ ବିଜ୍ଞାନ ରେ ବିକ୍ରମ ଦେବ ବିଶ୍ୱ ବିଦ୍ୟାଳୟର ରୁଦ୍ର ମୋହନ ମହାପାତ୍ର, ରାଜନିତି ବିଜ୍ଞାନରେ ବିକ୍ରମ ଦେବ ବିଶ୍ୱ ବିଦ୍ୟାଳୟର ଅମୃତା ପାଣି, ମନ ବିଜ୍ଞାନରେ ମଡେଲ ଡିଗ୍ରୀ କଲେଜ ମାଲକାନଗିରିର ପ୍ରିୟ ଦର୍ଶନି ଗୌଡ, ସାମଜିକ ବିଜ୍ଞାନରେ ସରକାରୀ ଡିଏଭି କଲେଜ କୋରାପୁଟର ସୁଶ୍ରି ସ୍ୱାଗତିକା ନାୟକ ଟପ୍ପର ହୋଇଛନ୍ତି । କଳାରେ ମୋଟ ୭ ହଜାର ୨୯୯ ପରୀକ୍ଷାର୍ଥିଙ୍କ ମଧ୍ୟରୁ ୭ ହଜାର ୫୨ ଜଣ ଉତ୍ତିର୍ଣ୍ଣ ହୋଇଛନ୍ତି । ଯାହାକି ପାସ ହାର ୯୬.୬୨ ପ୍ରତିଶତ ରହିଛି । ସେହିପରି ବାଣିଜ୍ୟରେ ୬୬୮ ପରୀକ୍ଷାର୍ଥି ଙ୍କ ମଧ୍ୟରୁ ୫୮୮ ଜଣ ଉତ୍ତିର୍ଣ୍ଣ ହୋଇଛନ୍ତି । ଯାହାକି ପାସ ହାର ୮୮.୦୨ ପ୍ରତିଶତ ରହିଛି । ସେହିପରି ବିଜ୍ଞାନରେ ୧୮୬୭ ଜଣ ପରୀକ୍ଷାର୍ଥି ଙ୍କ ମଧ୍ୟରୁ ୧୭୪୮ ଜଣ ଉତ୍ତିର୍ଣ୍ଣ ହୋଇଛନ୍ତି । ପାସ ହାର ୯୩.୬୩ ପ୍ରତିଶତ ରହିଛି । ସେହିପରି ବିବିଏ ରେ ୮୯ ରୁ ୮୦ ଜଣ ଉତ୍ତର୍ଣ୍ଣ ଏବଂ ବିସିଏରେ ୨୪୭ ଜଣ ପରୀକ୍ଷାର୍ଥିଙ୍କ ମଧ୍ୟରୁ ୨୩୬ ଜଣ ଉତ୍ତର୍ଣ୍ଣ ହୋଇଛନ୍ତି । ସେହିପରି ବିଇଡି ରେ ୧୪୭ ପରୀକ୍ଷାର୍ଥୀ ମଧ୍ୟରୁ ୧୪୭ ଜଣ ଉତ୍ତିର୍ଣ୍ଣ ହୋଇଛନ୍ତି । ବିଶ୍ୱ ବିଦ୍ୟାଳୟ ଅଧିନରେ ଅବିଭକ୍ତ କୋରାପୁଟ ଜିଲାର ୭୬ଟି ମହାବିଦ୍ୟାଳୟ ରହିଛି ।

# ହକି ଖେଳାଳି ସମ୍ବର୍ଦ୍ଧିତ

ରାଉରକେଲା, ୧୧/୦୬ (ନି.ପ୍ର): ସୁନ୍ଦରଗଡ଼ ଜିଲ୍ଲା ଏବଂ ଓଡ଼ିଶା କ୍ରୀଡ଼ା ଜଗତ ପାଇଁ ଏକ ଗର୍ବର ମୁହୂର୍ତ୍ତରେ ଆଜି ରାଉରକେଲା ଅତିରିକ୍ତ ଜିଲ୍ଲାପାଳ ଏବଂ କ୍ରୀଡ଼ା ବିଭାଗର ଅତିରିକ୍ତ ନିର୍ଦ୍ଦେଶକ ସୁଶ୍ରୀ ଦୀନା ଦସ୍ତଗୀର ନିକଟରେ ସମ୍ପନ୍ନ ହୋଇଥିବା ଅଣ୍ଡର-୧୮ ଏସିଆ କପ୍ ହକି ପ୍ରତିଯୋଗିତାରେ ଉଲ୍ଲେଖନୀୟ ସଫଳତା ହାସଲ କରିଥିବା ଦୁଇଜଣ ଯୁବ ହକି ଖେଳାଳି ଅର୍ମାନ ଲାକ୍ରା (୧୬ ବର୍ଷ) ଏବଂ ସ୍ୱିଟି କୁଜୁର (୧୬ ବର୍ଷ)ଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି ।ଅର୍ମାନ ଲାକ୍ରା ଭାରତୀୟ ଅଣ୍ଡର-୧୮ ପୁରୁଷ ହକି ଦଳର ସଦସ୍ୟ ଭାବେ ଏସିଆ କପ୍ରେ ସ୍ୱର୍ଣ୍ଣ ପଦକ ଜିତିଥିବା ବେଳେ, ସ୍ୱିଟି କୁଜୁର ଭାରତୀୟ ଅଣ୍ଡର-୧୮ ମହିଳା ହକି ଦଳର ଅଧିନାୟିକା ଭାବେ ଦଳକୁ ନେତୃତ୍ୱ ପ୍ରଦାନ କରି ବ୍ରୋଞ୍ଜ ପଦକ ଜିତିବାରେ ସଫଳ ହୋଇଥିଲେ ।ଅତିରିକ୍ତ ଜିଲ୍ଲାପାଳ ଉଭୟ ଖେଳାଳିଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରିବା ସହିତ ସେମାନଙ୍କର ଉଜ୍ଜ୍ୱଳ କ୍ରୀଡ଼ା ଜୀବନ ପାଇଁ ଶୁଭେଚ୍ଛା ଜଣାଇଥିଲେ । ଉଭୟ ଖେଳାଳି ରାଉରକେଲାସ୍ଥିତ ପାନପୋଷ କ୍ରୀଡ଼ା ଛାତ୍ରାବାସର ଅନ୍ତେବାସୀ ହୋଇଥିବାରୁ ସେମାନଙ୍କର ଏହି ସଫଳତା ରାଜ୍ୟର କ୍ରୀଡ଼ା ପ୍ରଶିକ୍ଷଣ ବ୍ୟବସ୍ଥା ଓ ଖେଳାଳି ବିକାଶ କାର୍ଯ୍ୟକ୍ରମର ଏକ ଉଜ୍ଜ୍ୱଳ ଉଦାହରଣ ଭାବେ ପରିଗଣିତ ହୋଇଛି। ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ ଉଭୟ ଖେଳାଳିଙ୍କୁ ସେମାନଙ୍କର କଠିନ ପରିଶ୍ରମ, ଶୃଙ୍ଖଳାବଦ୍ଧତା ଓ ଉତ୍ସର୍ଗୀକୃତ ମନୋଭାବ ପାଇଁ ପ୍ରଶଂସା କରିଥିଲେ ଏବଂ ଭବିଷ୍ୟତରେ ଦେଶ ଓ ରାଜ୍ୟ ପାଇଁ ଆହୁରି ସଫଳତା ଆଣିବାକୁ ଶୁଭେଚ୍ଛା ଜଣାଇଥିଲେ।

# ଏମ୍.ଏସ୍ ସ୍ୱାମୀନାଥନ୍ ଗବେଷଣା ପ୍ରତିଷ୍ଠାନ ତରଫରୁ ହିତାଧିକାରୀ ପରାମର୍ଶ ସଭା ଆୟୋଜିତ

ଜୟପୁର, ୧୧/୦୬ (ନି.ପ୍ର): କୋରାପୁଟ ସ୍ଥିତ ଦକ୍ଷତା ବିକାଶ ଏବଂ ତାଲିମ କେନ୍ଦ୍ର ଠାରେ ଏମ୍.ଏସ୍ ସ୍ୱାମୀନାଥନ୍ ଗବେଷଣା ପ୍ରତିଷ୍ଠାନ ତରଫରୁ ଏକ ହିତାଧିକାରୀ ପରାମର୍ଶ ସଭା ଆୟୋଜିତ ହୋଇଯାଇଛି। ଏହି ସଭାରେ କୋରାପୁଟ ଜିଲ୍ଲାରେ ସ୍ୱାସ୍ଥ୍ୟ କ୍ଷେତ୍ରରେ କାର୍ଯ୍ୟ କରୁଥିବା ବିଭିନ୍ନ ସରକାରୀ ଏବଂ ବେସରକାରୀ ସଂଗଠନ ଉପସ୍ଥିତ ଥିଲେ। ଉକ୍ତ ବୈଠକରେ ଜିଲ୍ଲାପାଳ ଶ୍ରୀ ମନୋଜ ସତ୍ୟବାନ୍ ମାହାଜନ ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଦୀପ ପ୍ରଜ୍ୱଳନ ଓ ସ୍ୱାଗତ ଅଭିଭାଷଣ ସହିତ ସଭାକୁ ଆରମ୍ଭ କରିଥିଲେ । ଏମ୍.ଏସ୍ ସ୍ୱାମୀନାଥନ୍ ଗବେଷଣା ପ୍ରତିଷ୍ଠାନର ଅଧକ୍ଷା ଡା. ସୌମ୍ୟା ସ୍ୱାମୀନାଥନ, ଉପସ୍ଥିତ ଥିବା ସମସ୍ତ ଅଧିକାରୀ ମାନଙ୍କୁ ସଭାର ଲକ୍ଷ୍ୟ, ଉଦ୍ଦେଶ୍ୟ ଓ ଭବିଷ୍ୟତ ଯୋଜନା ସମ୍ବନ୍ଧରେ ଅଲୋକପାତ କରିଥିଲେ। ଏହା ପରେ ଏମ୍.ଏସ୍ ସ୍ୱାମୀନାଥନ୍ ଗବେଷଣା ପ୍ରତିଷ୍ଠାନର ର ନିର୍ଦ୍ଦେଶକ ଶ୍ରୀ ପ୍ରଶାନ୍ତ ପରିଡା ଅଂଶଗ୍ରହଣକାରୀଙ୍କୁ ସ୍ୱାଗତ ଜଣାଇ ସଭାକୁ ଆଗେଇନେଇଥିଲେ । ଏହି ବୈଠକରେ ଜିଲ୍ଲା ଚିକିତ୍ସା ଅଧିକାରୀ ଶ୍ରୀ ଗୁରୁପ୍ରସାଦ ମହନ୍ତ, ପରିକଳ୍ପନା ଓ ନିରୀକ୍ଷଣ ବିଭାଗର ଉପନିର୍ଦ୍ଦେଶକ ଶ୍ରୀ ସୂର୍ଯ୍ୟକାନ୍ତ ବେହେରା, ଏମ୍.ଏସ୍.ଏସ୍.ଆର. ଏଫ୍ ର ସ୍ୱାସ୍ଥ୍ୟ ଏବଂ ପୋଷଣର ନିର୍ଦ୍ଦେଶକ ଡା. ମୋହନ କୁମାର ଏବଂ ଡା. ମାୟା ମାସ୍କାରେନହାସ୍ ତଥା ଭାରପ୍ରାପ୍ତ ଜିଲ୍ଲା ସାମାଜିକ କଲ୍ୟାଣ ଅଧିକାରୀ ଶ୍ରୀମତୀ ସବିତା ସମାଦାର, ଜାତୀୟ ସ୍ୱାସ୍ଥ୍ୟ ମିଶନ ଜିଲ୍ଲା କର୍ମଚାରୀ, ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ, ପୋଷଣ ପରାମର୍ଶଦାତା, ୟୁନିସେଫ, ଆଇ.ସି.ଏମ. ଆର୍, ଏକତା, ପିରାମଲ୍ ଫାଉଣ୍ଡେସନ୍, ବିକ୍ରମଶିଳା, ଶିନୀ, ଶୋଭା ଏବଂ ରାଇଜ୍ ଭଳି ପ୍ରମୁଖ ସଂସ୍ଥାର କର୍ମକର୍ତ୍ତା ଯୋଗ ଦେଇଥିଲେ । ଏହି ଅବସରରେ ବିଭିନ୍ନ ସହଭାଗୀ ପ୍ରତିନିଧିମାନେ ନିଜ ନିଜ କାର୍ଯ୍ୟର ଉପସ୍ଥାପନା ଦେଇ ଗର୍ଭବତୀ, ପ୍ରସୂତି, ଶିଶୁମାନଙ୍କ ସ୍ୱାସ୍ଥ୍ୟ ଓ ପୋଷଣ,ନାରୀ ସଶକ୍ତିକରଣ, ପରିବେଶ ଓ ଶିକ୍ଷା ଭଳି କ୍ଷେତ୍ରରେ କରାଯାଇଥିବା କାର୍ଯ୍ୟ ଓ ଅନୁଭବ ଉପରେ ଆଲୋକପାତ କରିଥିଲେ।

# ସୌଭାଗ୍ୟ ନନ୍ଦ ମିଶ୍ର ହେଲେ ବିଜେପି କୃଷକ ମୋର୍ଚ୍ଚା ଜିଲା ଉପସଭାପତି

ଧର୍ମଶାଳା, ୧୧/୦୬ (ନି.ପ୍ର): ଯାଜପୁର ଜିଲା ବିଜେପି କୃଷକ ମୋର୍ଚ୍ଚା ଉପସଭାପତି ଭାବେ ସୌଭାଗ୍ୟ ନନ୍ଦ ମିଶ୍ରଙ୍କ ନାମ ଘୋଷଣା କରାଯାଇଛି । ରସୁଲପୁର ବ୍ଲକ ବ୍ରହ୍ମବରଦା ଅଂଚଳର ସୌଭାଗ୍ୟ ନନ୍ଦ ମିଶ୍ର ବହୁ ଦିନ ଧରି ଦଳ ସହିତ କାମ କରି ଆସୁଥିଲେ । ଜିଲା ସଭାନେତ୍ରୀ ଦେବଯାନୀ ପ୍ରଧାନ ଓ କୃଷକ ମୋର୍ଚ୍ଚା ସଭାପତି ସୀତାନାଥ ବଳସାମନ୍ତ ପତ୍ରରେ ତାଙ୍କ ନାମ ଘୋଷଣା କରିଛନ୍ତି । ଯାହାକି ବ୍ରହ୍ମବରଦା ମଣ୍ଡଳ ବିଜେପି କର୍ମୀ ମହଲରେ ଉତ୍ସାହ ଖେଳି ଯାଇଛି । ସେ ଦୀର୍ଘ ଦିନ ଧରି ଦଳ ସହିତ ରହି ପୂର୍ବରୁ ରାଜ୍ୟ ସ୍ୱତନ୍ତ୍ର ନିୟନ୍ତ୍ରଣ ସଦସ୍ୟ,ଜିଲା ଉପସଭାପତି, କାର୍ଯ୍ୟକାରିଣୀ ସଦସ୍ୟ ଓ ମଣ୍ଡଳ ସଭାପତିଭାବେ ଦାୟିତ୍ୱ ତୁଲାଇ ଆସିଛନ୍ତି । ତାହା ସହିତ ରାଷ୍ଟ୍ରୀୟ ସ୍ୱୟଂସେବକ, ବଜରଙ୍ଗ ଦଳ,ବିଶ୍ୱ ହିନ୍ଦୁ ପରିଷଦ ପାଇଁ କାମ କରିଛନ୍ତି । ତାଙ୍କୁ ଏହି ଗୁରୁ ଦାୟିତ୍ୱ ଦିଆ ଯାଇଥିବାରୁ ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି,ରାଷ୍ଟ୍ରୀୟ ଅଧ୍ୟକ୍ଷ ନିତିନ ନବୀନ,କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ରାଜ୍ୟ ସଭାପତି ମନମୋହନ ସାମଲ,କୃଷକ ମୋର୍ଚ୍ଚା ସଭାପତି ସୁଭ୍ରାଂଶୁ ପାଢୀ,ଜିଲା ସଭାନେତ୍ରୀ ଦେବଯାନୀ ପ୍ରଧାନ,କୃଷକ ମୋର୍ଚ୍ଚା ସଭାପତି ସୀତାନାଥ ବଳସାମନ୍ତ, ମନ୍ତ୍ରୀ ପ୍ରଦୀପ ବଳସାମନ୍ତ,ଯାଜପୁର ସାଂସଦ ଡ ରବିନ୍ଦ୍ର ନାରାୟଣ ବେହେରା,ବିଧାୟକ ଅମର ନାୟକ, ହିମାଂଶୁ ଶେଖର ସାହୁ,ଆକାଶଦାସ ନାୟକ,ବରିଷ୍ଠ ନେତା ଗୌତମ ରାୟ ବିବିତା ମଲ୍ଲିକ ଓ ଯୁବ ବିଜେପି ନେତା ଉମେଶ ଜେନାଙ୍କ ସମେତ ମଣ୍ଡଳର ସମସ୍ତ କାର୍ଯ୍ୟକର୍ତା ଓ ଜିଲାର ସମସ୍ତ ନେତୃମଣ୍ଡଳୀଙ୍କୁ କୃତଜ୍ଞତା ଜଣାଛନ୍ତି ।

# ସୁରକ୍ଷିତ ପାନୀୟ ଜଳ ପାଇଁ ଆଇଆଇଟି ଭୁବନେଶ୍ୱରର ଗବେଷକମାନଙ୍କ ଦ୍ୱାରା ଉନ୍ନତ ଆର୍ସେନିକ୍ ଚିହ୍ନଟ ପ୍ରଯୁକ୍ତିବିଦ୍ୟାର ବିକାଶ

ଭୁବନେଶ୍ୱର , ୧୧/୦୬ (ନି.ପ୍ର): ଡକ୍ଟର ସାୟନ ଦେଙ୍କ ନେତୃତ୍ୱରେ ଭାରତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ (ଆଇଆଇଟି) ଭୁବନେଶ୍ୱରର ସ୍କୁଲ୍ ଅଫ୍ ଇଲେକ୍ଟ୍ରିକାଲ୍ ଆଣ୍ଡ୍ କମ୍ପ୍ୟୁଟର ସାଇନ୍ସ ର ସେନ୍ସର୍ସ ଆଣ୍ଡ୍ ସ୍ପେକ୍ଟ୍ରୋସ୍କୋପି ରିସର୍ଚ୍ଚ ଗ୍ରୁପ୍ ର ଗବେଷକମାନେ ଜଳ ଗୁଣବତ୍ତା ମନିଟରିଂ ଏବଂ ଜନସ୍ୱାସ୍ଥ୍ୟକୁ ଉନ୍ନତ କରିବା ପାଇଁ ଆର୍ସେନିକ୍ ଚିହ୍ନଟ ପ୍ରଯୁକ୍ତିବିଦ୍ୟାରେ ଗୁରୁତ୍ୱପୂର୍ଣ୍ଣ ଅଗ୍ରଗତି କରିଛନ୍ତି।

ଏହି ଗବେଷଣା ପାନୀୟ ଜଳରେ ଆର୍ସେନିକ୍ ପ୍ରଦୂଷଣ ଚିହ୍ନଟ ପାଇଁ ସୁଲଭ, ସମ୍ବେଦନଶୀଳ ଏବଂ କ୍ଷେତ୍ର-ନିୟୋଜନଯୋଗ୍ୟ ସମାଧାନ ବିକାଶ ଉପରେ ଧ୍ୟାନ କେନ୍ଦ୍ରିତ କରୁଛି।

ସେମାନଙ୍କର ବୈଜ୍ଞାନିକ ଗବେଷଣା ଉପରେ ଆଧାର କରି, ଦଳଟି ନାନୋ ସେମିକ୍ ପ୍ରାଇଭେଟ୍ ଲିମିଟେଡ୍ ମାଧ୍ୟମରେ 'ଆର୍ସେନସେଫ୍' ନାମକ ଏକ କମ୍ପାକ୍ଟ, ପୋର୍ଟେବଲ୍ ଏବଂ ହାତରେ ଧରି ରଖାଯାଇଥିବା ଆର୍ସେନିକ୍ ଚିହ୍ନଟ ଡିଭାଇସ୍ ବିକଶିତ କରିଛି, ଯାହା ଏକ ଷ୍ଟାର୍ଟଅପ୍, ଯାହା ଆଇଆଇଟି ଭୁବନେଶ୍ୱରର ଗବେଷଣା ଏବଂ ଉଦ୍ୟୋଗୀତା ପାର୍କରେ ଇନକ୍ୟୁବେଟେଡ୍ ହୋଇଛି, ଏବଂ ପ୍ରତିଷ୍ଠାନର ଅଧ୍ୟାପକ ଡକ୍ଟର ସୟନ ଡେ ଏବଂ ଡକ୍ଟର ଅକ୍ଷୟ କେ.ଙ୍କ ନେତୃତ୍ୱରେ ଆସିଛି। ଦ୍ରୁତ, କମ ଖର୍ଚ୍ଚ ଏବଂ ସ୍ଥାନରେ ପରୀକ୍ଷଣ ପାଇଁ ଡିଜାଇନ୍ କରାଯାଇଥିବା, ଆର୍ସେନସେଫ୍ ପ୍ରୟୋଗଶାଳା ଭିତ୍ତିଭୂମି ଏବଂ ରାସାୟନିକ ଆବଶ୍ୟକତା ବିନା ସଠିକ୍ ଆର୍ସେନିକ୍ ଚିହ୍ନଟକୁ ସକ୍ଷମ କରିଥାଏ, ଯାହା ଜଳ-ଗୁଣବତ୍ତା ମୂଲ୍ୟାଙ୍କନକୁ ଦ୍ରୁତ ଏବଂ ଅଧିକ ସୁଲଭ କରିଥାଏ। ହ୍ୟାଣ୍ଡହେଲ୍ଡ ଡିଭାଇସ୍ ଏକ ଆରଜିଓ-ଆଧାରିତ ସେନ୍ସିଂ ଡିଭାଇସ୍ ବ୍ୟବହାର କରେ ଏବଂ ସର୍ବନିମ୍ନ ସେଟଅପ୍ ଏବଂ ତାଲିମ ସହିତ ସହଜ କାର୍ଯ୍ୟ ପାଇଁ ଡିଜାଇନ୍ କରାଯାଇଛି। ସରକାରୀ ଏଜେନ୍ସି, ଜନସ୍ୱାସ୍ଥ୍ୟ ବିଭାଗ, ପରିବେଶଗତ ପର୍ଯ୍ୟବେକ୍ଷଣ ସଂଗଠନ, ଜଳ ଚିକିତ୍ସା ପ୍ରଦାନକାରୀ, ଶିଳ୍ପ, ସ୍ୱେଚ୍ଛାସେବୀ ଓ ବେସରକାରୀ ଅନୁଷ୍ଠାନ ଏବଂ ଏପରିକି ବ୍ୟକ୍ତିଗତ ଗ୍ରାହକ ଏହାକୁ ନିୟୋଜିତ କରିପାରିବେ।

ବର୍ତ୍ତମାନର ପ୍ରୋଟୋଟାଇପ୍ ଯଥେଷ୍ଟ ଉଚ୍ଚ ପ୍ରଯୁକ୍ତିବିଦ୍ୟା ପ୍ରସ୍ତୁତି ସ୍ତର ହାସଲ କରିଛି ଏବଂ ଆଇଆଇଟି କ୍ୟାମ୍ପସ୍ ଏବଂ ନିକଟବର୍ତ୍ତୀ ଅଞ୍ଚଳରୁ ଜଳ ନମୁନାକୁ ନେଇ ପରୀକ୍ଷିତ ହୋଇଛି।

ରୟାଲ୍ ସୋସାଇଟି ଅଫ୍ କେମେଷ୍ଟ୍ରି (ଜଝଉ)ର 'ପରିବେଶ ବିଜ୍ଞାନ: ନାନୋ'ରେ ପ୍ରକାଶିତ ଏକ ସମ୍ପ୍ରତିକ ପ୍ରବନ୍ଧରେ, ଡକ୍ଟର ସାୟନ ଦେ, ଅରିଜିତ ପାତ୍ର, ବାଥୁଲା ସାତ୍ୱିକ ଏବଂ ଡକ୍ଟର ହିମାଂଶୁ ପି. ପାଡୋଲେଙ୍କୁ ନେଇ ଗଠିତ ଦଳ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ସୁରକ୍ଷା ସୁପାରିଶଗୁଡ଼ିକ ପାଳନ କରି ବ୍ୟବହାରଯୋଗ୍ୟ ପାଣିରେ ଆର୍ସେନିକ୍ ର ଅତ୍ୟନ୍ତ ନିମ୍ନ ସ୍ତର ଚିହ୍ନଟ କରିବା ପାଇଁ ହ୍ରାସିତ ଗ୍ରାଫିନ୍ ଅକ୍ସାଇଡ୍ ଏବଂ ଏହାର ଡେରିଭେଟିଭ୍ସ ଉପରେ ଆଧାରିତ ଏକ ଉନ୍ନତ ମାଇକ୍ରୋ ସେନ୍ସର ଉପସ୍ଥାପନ କରିଛନ୍ତି।

ଏହା ନାନୋଟେକ୍ନୋଲୋଜି ଏବଂ ମେସିନ୍ ଲର୍ଣ୍ଣିଂକୁ ଯନ୍ତ୍ର ସହିତ ମିଶ୍ରଣ କରି ମାନବ ସ୍ୱାସ୍ଥ୍ୟ ଏବଂ ପରିମଳ ଉନ୍ନତି ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ଅବଦାନ ପ୍ରଦର୍ଶନ କରିଛି।

'ପରିବେଶ ବିଜ୍ଞାନ: ନାନୋ'ର ସମ୍ପାଦକୀୟ ବୋର୍ଡ କାର୍ଯ୍ୟର ଗୁରୁତ୍ୱକୁ ସ୍ୱୀକାର କରି 'ନାନୋସେନ୍ସିଂ' ଉପରେ ଏହାର ସ୍ୱତନ୍ତ୍ର ବିଷୟବସ୍ତୁ ସଂଗ୍ରହରେ ପ୍ରଦର୍ଶିତ ହେବାକୁ ପ୍ରବନ୍ଧକୁ ଆମନ୍ତ୍ରଣ କରିଛି।

ରୟାଲ ସୋସାଇଟି ଅଫ୍ କେମେଷ୍ଟ୍ରିର ସ୍ୱୀକୃତି ଏବଂ ଆର୍ସେନସେଫର ବିକାଶ ମିଳିତ ଭାବରେ ନାନୋଟେକ୍ନୋଲୋଜି-ଚାଳିତ ପରିବେଶଗତ ତଦାରଖରେ ଆଇଆଇଟି ଭୁବନେଶ୍ୱରର ବର୍ଦ୍ଧିତ ଅବଦାନ ଏବଂ ଗବେଷଣା ଏବଂ ନବସୃଜନ ମାଧ୍ୟମରେ ଗୁରୁତ୍ୱପୂର୍ଣ୍ଣ ସାମାଜିକ ଚ୍ୟାଲେଞ୍ଜର ମୁକାବିଲା ପାଇଁ ଏହାର ପ୍ରୟାସକୁ ପ୍ରକାଶ କରେ।

# ପୂର୍ବତଟ ରେଳପଥ ଦ୍ୱାରା ଆନ୍ତର୍ଜାତୀୟ ଲେଭଲ୍ କ୍ରସିଂ ସଚେତନତା ଦିବସ ପାଳିତ

ଭୁବନେଶ୍ୱର, ୧୧/୦୬ (ନି.ପ୍ର): ପୂର୍ବତଟ ରେଳପଥ ନିଜ ସୀମା ମଧ୍ୟରେ ରେଳବାଇ ଲେଭଲ୍ କ୍ରସିଂ ଗୁଡ଼ିକରେ ନିରାପଦ ଆଚରଣକୁ ପ୍ରୋତ୍ସାହିତ କରିବା ଏବଂ ସଡ଼କ ବ୍ୟବହାରକାରୀଙ୍କ ଅସୁରକ୍ଷିତ ଅଭ୍ୟାସ ଯୋଗୁଁ ହେଉଥିବା ଦୁର୍ଘଟଣାକୁ ରୋକିବା ଉଦ୍ଦେଶ୍ୟରେ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ସହିତ ଆନ୍ତର୍ଜାତୀୟ ଲେଭଲ୍ କ୍ରସିଂ ସଚେତନତା ଦିବସ ଗତକାଲି ପାଳନ କରିଛି। ଆନ୍ତର୍ଜାତୀୟ ଲେଭଲ୍ କ୍ରସିଂ ସଚେତନତା ଦିବସ ଅଭିଯାନର ସ୍ଲୋଗାନ 'ଆଜି ସତର୍କ, କାଲି ସୁରକ୍ଷିତ', ସହିତ ଏହି ଦିବସ ପାଳନ କରାଯାଇଥିଲା, ଯେଉଁଥିରେ ରେଳ କ୍ରସିଂ ଗୁଡ଼ିକରେ ସତର୍କତା, ଧୈର୍ଯ୍ୟ ଏବଂ ଦାୟିତ୍ୱବାନ ଆଚରଣର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରାଯାଇଥିଲା।

ଏହି ଦିବସ ପାଳନର ଏକ ଅଂଶ ସ୍ୱରୂପ, ସମଗ୍ର ଜୋନରେ ଥିବା ଲେଭଲ୍ କ୍ରସିଂ ଗେଟ୍, ରେଳ ଷ୍ଟେସନ, ଶିକ୍ଷାନୁଷ୍ଠାନ ଏବଂ ନିକଟବର୍ତ୍ତୀ ଜନବସତି ଗୁଡ଼ିକରେ ବ୍ୟାପକ ସୁରକ୍ଷା ସଚେତନତା ଅଭିଯାନ ଚଳାଯାଇଥିଲା। ରେଳବାଇ ଟ୍ରାକ୍ ଏବଂ ଲେଭଲ୍ କ୍ରସିଂ ପାର ହେବା ସମୟରେ ସୁରକ୍ଷିତ ଅଭ୍ୟାସ ବିଷୟରେ ସଚେତନତା ସୃଷ୍ଟି କରିବା ପାଇଁ ରେଳବାଇ ଅଧିକାରୀ, ସୁରକ୍ଷା ପରାମର୍ଶଦାତା, ସିଭିଲ୍ ଡିଫେନ୍ସ ସ୍ୱେଚ୍ଛାସେବୀ ଏବଂ କ୍ଷେତ୍ରସ୍ତରୀୟ କର୍ମଚାରୀମାନେ ଗାଡ଼ି ଚାଳକ, ପଦଯାତ୍ରୀ, ଛାତ୍ରଛାତ୍ରୀ ଏବଂ ସ୍ଥାନୀୟ ବାସିନ୍ଦାଙ୍କ ସହ ଆଲୋଚନା କରିଥିଲେ। ସାର୍ବଜନୀନ ଘୋଷଣା, ସୁରକ୍ଷା ପୁସ୍ତିକା (ପାମ୍ପଲେଟ୍) ବଣ୍ଟନ, ପୋଷ୍ଟର ପ୍ରଦର୍ଶନ, ପରାମର୍ଶ ଶିବିର, ସଚେତନତା ଶୋଭାଯାତ୍ରା ଏବଂ ପଥପ୍ରାନ୍ତ ନାଟକ ମାଧ୍ୟମରେ ସଡ଼କ ବ୍ୟବହାରକାରୀଙ୍କୁ ଚେତାବନୀ ସଙ୍କେତ ଏବଂ ଗେଟ୍ ବ୍ୟାରିୟର ମାନିବା, ରେଳ ଧାରଣା ପାର ହେବା ପୂର୍ବରୁ ଅଟକିବା, ବେଆଇନ ଭାବେ ଟ୍ରାକ୍ ପାର ନହେବା ଏବଂ ରେଳ କ୍ରସିଂ ନିକଟକୁ ଆସିବା ସମୟରେ ମୋବାଇଲ୍ ଫୋନ୍ କିମ୍ବା ଇୟରଫୋନ୍ ବ୍ୟବହାର ନକରିବା ପାଇଁ ଶିକ୍ଷା ଦିଆଯାଇଥିଲା।

# ଜିଲ୍ଲାପାଳଙ୍କ ସହ ଦଶମ ଶ୍ରେଣୀ ଏ୧ କୃତୀ ଛାତ୍ରୀମାନଙ୍କ ସ୍ୱତନ୍ତ୍ର ଆଲୋଚନା ଚକ୍ର

ଝାରସୁଗୁଡ଼ା , ୧୧/୦୬ (ନି.ପ୍ର): ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ମାର୍ଗଦର୍ଶନରେ ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ ଉଲ୍ଲେଖନୀୟ ସଫଳତା ହାସଲ କରିଥିବା କୃତୀ ଛାତ୍ରୀମାନଙ୍କୁ ନେଇ ଏକ ସ୍ୱତନ୍ତ୍ର ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ସମାସିଂହା ସ୍ଥିତ କେ.ଜି. ବାଳିକା ଉଚ୍ଚ ବିଦ୍ୟାଳୟର ଏ୧ ଗ୍ରେଡ୍ ପାଇଥିବା ୧୫ ଜଣ କୃତୀ ଛାତ୍ରୀଙ୍କୁ ନେଇ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏହି ସାକ୍ଷାତକାର ସମୟରେ ଜିଲ୍ଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଗଡତିଆ ଉପସ୍ଥିତ ରହିଥିଲେ ।ଜିଲ୍ଲାପାଳ ଛାତ୍ରୀମାନଙ୍କ ସହ ପ୍ରାୟ ଦୁଇ ଘଣ୍ଟା କାଳ ସମୟ ଅତିବାହିତ କରିବା ସହ ସେମାନଙ୍କର ଉଚ୍ଚ ଶିକ୍ଷା ଓ ଆଗାମୀ ଭବିଷ୍ୟତ ପାଇଁ ଉତ୍ସାହିତ କରିଥିଲେ। ଏହି ଆଲୋଚନା କାର୍ଯ୍ୟକ୍ରମରେ ପ୍ରତ୍ୟେକ ଛାତ୍ରୀ ଜିଲ୍ଲାପାଳଙ୍କ ସମ୍ମୁଖରେ ନିଜ ନିଜର କ୍ୟାରିୟର ଆଶା, ଆକାଂକ୍ଷା ଏବଂ ଭବିଷ୍ୟତର ଲକ୍ଷ୍ୟ ବିଷୟରେ ଖୋଲାଖୋଲି ଭାବେ ଆଲୋଚନା କରିଥିଲେ। ଜିଲ୍ଲାପାଳ ଚହ୍ୱାଣ ଛାତ୍ରୀମାନଙ୍କର ଏହି ସ୍ୱପ୍ନକୁ ସାକାର କରିବା ପାଇଁ ମୂଲ୍ୟବାନ ପରାମର୍ଶ ଓ ମାର୍ଗଦର୍ଶନ ପ୍ରଦାନ କରିଥିଲେ। ଛାତ୍ରୀମାନଙ୍କୁ ଅଧିକ ପ୍ରେରଣା ଯୋଗାଇବା ପାଇଁ ଜିଲ୍ଲାପାଳ ନିଜ ପିଲାଦିନର ଅନୁଭୂତି, ଶିକ୍ଷାଗତ ସଂଘର୍ଷ ଏବଂ ଜଣେ ଆଇ ଏ ଏସ ଅଫିସର ହେବା ପର୍ଯ୍ୟନ୍ତର ନିଜର ସଫଳତା ଯାତ୍ରାର କାହାଣୀ ସେମାନଙ୍କ ସହ ସେୟାର କରିଥିଲେ, ଯାହା ଉପସ୍ଥିତ ସମସ୍ତ ଛାତ୍ରୀଙ୍କୁ ବେଶ ଅନୁପ୍ରାଣିତ କରିଥିଲା।

# ରାଜଘାଟ ପୋଲ ଉପରେ ଦୁର୍ଘଟଣା: ବାଇକକୁ ଧକ୍କା ଦେଲା ଟ୍ରକ, ୩ ଆହତଙ୍କ ମଧ୍ୟରେ ଜଣେ ଗର୍ଭବତୀ ମହିଳା ଗୁରୁତର

ବସ୍ତା , ୧୧/୬ (ନି.ପ୍ର): ଗୁରୁବାର ସକାଳ ପ୍ରାୟ ୭:୩୦ ଘଟିକା ସମୟରେ ୧୬ ନଂ ଜାତୀୟ ରାଜପଥ ର ରାଜଘାଟ ପୋଲ ଉପରେ ଏକ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ବାଲେଶ୍ୱରରୁ ଜଳେଶ୍ୱର ଅଭିମୁଖେ ଯାଉଥିବା ଏକ ଟ୍ରକ ସାମ୍ନାରେ ଯାଉଥିବା ବାଇକକୁ ପଛରୁ ଧକ୍କା ଦେବାରୁ ୩ ଜଣ ଆହତ ହୋଇଛନ୍ତି। ଆହତଙ୍କ ମଧ୍ୟରେ ଜଣେ ଗର୍ଭବତୀ ମହିଳା ଥିବାରୁ ତାଙ୍କ ଅବସ୍ଥା ଗୁରୁତର ରହିଛି।ସୂଚନାରୁ ପ୍ରକାଶ ଓଡି ୦୧ ଏଏସ ୨୦୫୦ ନମ୍ବର ବିଶିଷ୍ଟ ବାଇକରେ ବସ୍ତା ବ୍ଲକ କାଦରାୟାଁ ଗ୍ରାମର ସେକ ହୁସେନ ତାଙ୍କ ମା କୋରେସା ବିବି ଓ ୮ ମାସର ଗର୍ଭବତୀ ଭଉଣୀ ଶର୍ମିଲା ବିବି ଙ୍କୁ ନେଇ ଜଳେଶ୍ୱର ର ଏକ ଘରୋଇ ଡାକ୍ତରଖାନା କୁ ଅଲଟ୍ରାସାଉଣ୍ଡ କରିବାକୁ ଯାଉଥିବା ସମୟରେ ରାଜଘାଟ ପୋଲ ଉପରେ ହଠାତ ବାଇକ ସ୍ଲୋ ହେବାରୁ ପଛରୁ ଆସୁଥିବା ଏପି ୩୯ ଭିଏଫ ୧୫୬୭ ବିଶିଷ୍ଟ ମାଲ ବୋଝେଇ ଟ୍ରକ ଭାରସାମ୍ୟ ହରାଇ ତାଙ୍କୁ ଧକ୍କା ଦେଇଥିଲା, ଫଳରେ ସମସ୍ତେ ପୋଲ ଉପରେ ଛିଟିକି ପଡିଥିଲେ, ସ୍ଥାନୀୟ ଲୋକ ଓ ରାଜପଥ ପାଟ୍ରୋଲିଂ ପୋଲିସ ତୁରନ୍ତ ପହଞ୍ଚି ୧୦୮ ଆମ୍ବୁଲାନ୍ସ ଯୋଗେ ସମସ୍ତଙ୍କୁ ଜଳେଶ୍ୱର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ମା ପୁଅ ପ୍ରାଥମିକ ଚିକିତ୍ସା ପରେ ଘରକୁ ଫେରିଥିବା ବେଳେ ଗର୍ଭବତୀ ଶର୍ମିଲାଙ୍କ ଅଣ୍ଟାରେ ଗଭୀର ଆଘାତ ଓ ଅନ୍ତଃ ରକ୍ତସ୍ରାବ ହୋଇଛି। ଅବସ୍ଥା ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା କରି ତାଙ୍କୁ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରେ ଭୁବନେଶ୍ୱର ର ଏକ ଘରୋଇ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଦୁର୍ଘଟଣା ପରେ ଟ୍ରକ ଚାଳକ ଗାଡି ଛାଡି ଫେରାର ହୋଇଯିବାରୁ ରାଜଘାଟ ପୋଲ ଉପରେ ପ୍ରାୟ ଏକଘଣ୍ଟା ପାଇଁ ଯାନବାହନ ଚଳାଚଳ ବନ୍ଦ ରହିଥିଲା। ଜଳେଶ୍ୱର ପୋଲିସ ପହଞ୍ଚି ଦୁଇ ଦୁର୍ଘଟଣା ଗାଡିକୁ ହଟାଇବା ସହ ନିଜ ହେପାଜତକୁ ନେବା ପରେ ଯାତାୟତ ସ୍ୱାଭାବିକ ହୋଇଥିଲା।

# ନୃତ୍ୟ ପ୍ରତିଭା ଅନୁଷ୍ଠାନ ଦ୍ୱାରା ୧୪ ତମ ରଜ ପ୍ରତିଭା ଉତ୍ସବ ୨୦୨୬ ରବିନ୍ଦ୍ର ମଣ୍ଡପରେ ଅନୁଷ୍ଠିତ




ଭୁବନେଶ୍ୱର , ୧୧/୬ (ନି.ପ୍ର): ଓଡ଼ିଶୀ ନୃତ୍ୟ ଗୁରୁ ଶ୍ରୀମତୀ ପ୍ରତିଭା ପଣ୍ଡାଙ୍କ ଦ୍ୱାରା ପ୍ରତିଷ୍ଠିତ ଭୁବନେଶ୍ୱରର ଏକ ପ୍ରତିଷ୍ଠିତ ଓଡ଼ିଶୀ ନୃତ୍ୟ ଅନୁଷ୍ଠାନ ନୃତ୍ୟ ପ୍ରତିଭା ଦ୍ୱାରା ଆୟୋଜିତ ୧୪ ତମ ରଜ ପ୍ରତିଭା ଉତ୍ସବ ୨୦୨୬ ଏକ ବର୍ଣ୍ଣାଢ୍ୟ ପରିବେଶରେ ଅତିଥିମାନଙ୍କ ଦ୍ୱାରା ଭୁବନେଶ୍ୱରର ରବିନ୍ଦ୍ର ମଣ୍ଡପରେ ଅନୁଷ୍ଠିତ ହୋଇଯାଇଅଛି । ଏହି ଉତ୍ସବରେ ପ୍ରସିଦ୍ଧ ନୃତ୍ୟଶିଳ୍ପୀମାନଙ୍କ ଦ୍ୱାରା ତିନୋଟି ଶୈଳୀରେ ଏକକ, ଦ୍ୱୈତ୍ୟ ଓ ଦଳଗତ ଓଡ଼ିଶୀ ଶାସ୍ତ୍ରୀୟ ନୃତ୍ୟ ପ୍ରଦର୍ଶନ କରାଯାଇଥିଲା । ପ୍ରତିବର୍ଷ ଏହି ଅନୁଷ୍ଠାନ ଓଡ଼ିଶାର ଏକ ପାରମ୍ପରିକ ଧାର୍ମିକ ଉତ୍ସବ ରଜ ଉତ୍ସବର ଆୟୋଜନ ସହିତ ଓଡ଼ିଆ ଧର୍ମ ସଂସ୍କୃତିକୁ ଗତିଶୀଳ କରିବା ପାଇଁ ତଥା ଯୁବ ପିଢ଼ିଙ୍କୁ ନିଜ ପରମ୍ପରା ସଂସ୍କୃତିକୁ ଗ୍ରହଣ କରିବା ପାଇଁ ଏହି ଉତ୍ସବ ପ୍ରେରଣା ଯୋଗାଇଥାଏ। ଦିନ ଅଧିବେଶନର ଅତିଥିମାନେ ଥିଲେ ବିଶିଷ୍ଟ ଓଡ଼ିଶୀ ନୃତ୍ୟଶିଳ୍ପୀ ଗୁରୁ ଅନିରୁଦ୍ଧ ଦାସ, ଟାଟା ଗ୍ରୁପ୍ ର ବିଷୟବସ୍ତୁ ସୃଷ୍ଟିକର୍ତ୍ତା (କଣ୍ଟେଣ୍ଟ କ୍ରିଏଟର) ଅନୁଭବ ଦାସ, ଓଡ଼ିଆ ଗୀତିକାର ପଞ୍ଚାନନ ନାୟକ, ବାସ୍ତୁବିଦ୍ ଡଃ ମନୋଜ ଲେଙ୍କା, ନୃତ୍ୟ ପ୍ରତିଭାର ସଭାପତି ଡକ୍ଟର ରଜନୀ ରଞ୍ଜନ ଦାଶ; ନୃତ୍ୟ ପ୍ରତିଭାର ଉପ ସଭାପତି ଶ୍ରୀଯୁକ୍ତ ବଙ୍କିମ ଚନ୍ଦ୍ର ନାୟକ ଓ ନୃତ୍ୟ ପ୍ରତିଭାର ସମ୍ପାଦିକା ଶ୍ରୀମତୀ ପ୍ରତିଭା ପଣ୍ଡା । ଏହି ଅଧିବେଶନରେ ପ୍ରାୟ ୨୦୦ରୁ ଉର୍ଦ୍ଧ ନୃତ୍ୟଶିଳ୍ପୀ ଅଂଶ ଗ୍ରହଣ କରି ଏକକ, ଦ୍ୱୈତ୍ୟ ଓ ଦଳଗତ ନୃତ୍ୟ ପରିବେଷଣ କରି ଦର୍ଶକଙ୍କୁ ବିମୋହିତ କରିଥିଲେ । ସନ୍ଧ୍ୟାର ଅତିଥି ଭାବେ ଶ୍ରୀ ସମୀର ମହାନ୍ତି, ଅଧ୍ୟକ୍ଷ, ଓଡ଼ିଶା ଓଲିମ୍ପିକ୍ ଆସୋସିଏସନ୍, ଶ୍ରୀ ଶାନ୍ତନୁ ଆଚାର୍ଯ୍ୟ, ବିଶିଷ୍ଟ କଥାକାର, ଶ୍ରୀ ଜଗନ୍ନାଥ ପ୍ରଧାନ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ, ଭାଜପା, ଡା. ଇତି ସାମନ୍ତ, ସମ୍ପାଦିକା, କାଦମ୍ବିନୀ, ନୃତ୍ୟ ପ୍ରତିଭାର ସଭାପତି ଡକ୍ଟର ରଜନୀ ରଞ୍ଜନ ଦାଶ; ନୃତ୍ୟ ପ୍ରତିଭାର ଉପ ସଭାପତି ଶ୍ରୀଯୁକ୍ତ ବଙ୍କିମ ଚନ୍ଦ୍ର ନାୟକ ଓ ନୃତ୍ୟ ପ୍ରତିଭାର ସମ୍ପାଦିକା ଶ୍ରୀମତୀ ପ୍ରତିଭା ପଣ୍ଡାଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମ ଶୁଭାରମ୍ଭ କରାଯାଇଥିଲା । ଚଳିତ ବର୍ଷ ରଜ ପ୍ରତିଭା ସମ୍ମାନ ୨୦୨୬ ବିଶିଷ୍ଟ ଓଡ଼ିଶୀ ନୃତ୍ୟାଙ୍ଗନା ତଥା ଓଡ଼ିଆ ଅଭିନେତ୍ରୀ କୁମାରୀ ଦିବ୍ୟା ମହାନ୍ତିଙ୍କୁ ସଂଧ୍ୟାର ମାନ୍ୟବର ମୁଖ୍ୟ ଅତିଥିଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା । ସାନ୍ଧ୍ୟକାଳୀନ ସାଂସ୍କୃତିକ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା ଖ୍ୟାତନାମା ଓଡ଼ିଆ ଅଭିନେତ୍ରୀ କୁମାରୀ ଦିବ୍ୟା ମହାନ୍ତିଙ୍କ ଏକକ ନୃତ୍ୟ ପରିବେଷଣରୁ । ତାଙ୍କ ପରେ ନୃତ୍ୟ ପ୍ରତିଭାର ଛାତ୍ରଛାତ୍ରୀମାନେ ଗୁରୁ ଶ୍ରୀମତୀ ପ୍ରତିଭା ପଣ୍ଡାଙ୍କ ଦ୍ୱାରା ପ୍ରସ୍ତୁତ ଏକ ଶାସ୍ତ୍ରୀୟ ଓଡ଼ିଶୀ ନୃତ୍ୟ "ନଟରାଜ" ପରିବେଷଣ କରିଥିଲେ, ଯାହା ରବୀନ୍ଦ୍ରନାଥ ଠାକୁରଙ୍କ କାବ୍ୟମୟ ଦୃଷ୍ଟିକୋଣ ମାଧ୍ୟମରେ ନଟରାଜଙ୍କ ଦିବ୍ୟ ବିଶ୍ୱନୃତ୍ୟକୁ ଉପସ୍ଥାପନ କରାଯାଇଥିଲା। ପରେ ପରେ ନୃତ୍ୟ ପ୍ରତିଭାର ବରିଷ୍ଠ ନୃତ୍ୟଶିଳ୍ପୀମାନେ ମଙ୍ଗଳାଚରଣ "ଶିବ ସ୍ତୁତି" ପରିବେଷଣ କରିଥିଲେ, ତାହା ପରେ ଅଭିନୟ "ଦଶାବତାର", "କାହିଁ ଗଲ୍ଲେ ମୁରଲୀ ଫୁଙ୍କା", "ମିତ ଚାହିଁରେ ପରା", "ଚତୁର୍ଭୁଜ ଜଗନ୍ନାଥ" ଏବଂ "ନ ଯା ଯମୁନା ରେ" ଉପସ୍ଥାପନ କରାଯାଇଥିଲା । ପରବର୍ତ୍ତୀ ପରିବେଷଣ ଥିଲା ଓଡ଼ିଆ ଭଜନ "କଳା କୋଇଲିରେ କୁହୁ ମିଠା ମିଠା", ତାହା ପରେ ଶାସ୍ତ୍ରୀୟ ଫ୍ୟୁଜନ୍ "ପ୍ରେମ ରଙ୍ଗ" ଏବଂ ସେମାନଙ୍କର ଶେଷ ପରିବେଷଣ ଥିଲା "ସମ୍ବଲପୁରୀ ରିମିକ୍ସ", "ଗାଇବା ଗୀତ ନାଚିବା ଆଜି" ଏବଂ "ରଜ ମଉଜ" । ସନ୍ଧ୍ୟାର ପରବର୍ତ୍ତୀ ପରିବେଷଣ ଥିଲା ଶାସ୍ତ୍ରୀୟ ଫ୍ୟୁଜନ୍ "ବରାହ ରୂପମ" ଏବଂ ଅଭିନୟ "ମଣି ବିମାନେ ଗୋବିନ୍ଦ", ଯାହା ନୃତ୍ୟାଂଶି ଅନୁଷ୍ଠାନର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପରିବେଷିତ ହୋଇଥିଲା । ସାନ୍ଧ୍ୟକାଳୀନ କାର୍ଯ୍ୟକ୍ରମର ଶେଷ ପରିବେଷଣ ଥିଲା ନୃତ୍ୟ ପ୍ରତିଭାର ଛାତ୍ରଛାତ୍ରୀମାନଙ୍କ ମାଆମାନଙ୍କ ଦ୍ୱାରା ଏକ ଓଡ଼ିଆ ଐତିହ୍ୟବାହୀ ଶାଢ଼ୀ ୱାକ୍ ସାଂସ୍କୃତିକ ଫ୍ୟାଶନ୍ ୱାକ୍। ଏହି କାର୍ଯ୍ୟକ୍ରମଟିକୁ ଦିନ ଅଧିବେଶନରେ ପରିଚାଳନା କରିଥିଲେ ରାଜଶ୍ରୀ, ଦେବବ୍ରତ ଓ ପ୍ରୀଥା ଏବଂ ସନ୍ଧ୍ୟା ଅଧିବେଶନରେ ପରିଚାଳନା କରିଥିଲେ ଡ଼. (ଇଂ) ଶ୍ରୀନିବାସ ଘଟୁଆରୀ ଏବଂ କାର୍ଯ୍ୟକ୍ରମଟିକୁ ସଂଯୋଜନା କରିଥିଲେ ଗୁରୁ ଶ୍ରୀମତୀ ପ୍ରତିଭା ପଣ୍ଡା । ଏହି କାର୍ଯ୍ୟକ୍ରମଟିକୁ ପ୍ରସ୍ତୁତିରେ ସହଯୋଗ କରିଥିଲେ ଓଡ଼ିଶା ସରକାରଙ୍କ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ।

# ସୁରକ୍ଷିତ କାର୍ଯ୍ୟ ଶୈଳୀକୁ ପ୍ରୋତ୍ସାହିତ କରିବା ପାଇଁ ସେଲ୍, ଆରଏସପି ପକ୍ଷରୁ 'ଉଚ୍ଚତା ସୁରକ୍ଷା କର୍ମଶାଳା' ଆୟୋଜିତ



ରାଉରକେଲା, ୧୧/୬ (ନି.ପ୍ର): କାର୍ଯ୍ୟକ୍ଷେତ୍ରର ସୁରକ୍ଷାକୁ ସୁଦୃଢ଼ କରିବା ଏବଂ ଏକ ମଜବୁତ ସୁରକ୍ଷା ସଂସ୍କୃତିକୁ ପ୍ରୋତ୍ସାହିତ କରିବା ପାଇଁ ନିଜର ନିରନ୍ତର ପ୍ରୟାସର ଏକ ଅଂଶ ସ୍ୱରୂପ, ସେଲ୍ ଅନ୍ତର୍ଗତ ରାଉରକେଲା ଇସ୍ପାତ କାରଖାନା ପକ୍ଷରୁ ୬ ଜୁନ୍ ୨୦୨୬ରେ ଏକ 'ଉଚ୍ଚତା ସୁରକ୍ଷା କର୍ମଶାଳା ଏବଂ ପ୍ରଦର୍ଶନ କାର୍ଯ୍ୟକ୍ରମ' ଆୟୋଜିତ ହୋଇଯାଇଛି। ଉଚ୍ଚ ସ୍ଥାନଗୁଡ଼ିକରେ କାମ କରିବା ସମୟରେ ସୁରକ୍ଷିତ କାର୍ଯ୍ୟ ପଦ୍ଧତି ବିଷୟରେ ସଚେତନତା ଏବଂ ଦକ୍ଷତା ବୃଦ୍ଧି କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା। କାରଖାନାର ବିଭିନ୍ନ ବିଭାଗରୁ ଅଧିକାରୀ, ବିଭାଗୀୟ ମୁଖ୍ୟ, ବିଭାଗୀୟ ସୁରକ୍ଷା ଅଧିକାରୀ ଏବଂ ଆଞ୍ଚଳିକ ସୁରକ୍ଷା ଅଧିକାରୀଙ୍କ ସମେତ ସର୍ବମୋଟ ୬୫ ଜଣ କର୍ମଚାରୀ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ।

ଏହି କର୍ମଶାଳାରେ ଉଚ୍ଚତାରେ କାମ କରିବା ସହ ଜଡ଼ିତ ବିପଦ ଏବଂ ଏଭଳି କାର୍ଯ୍ୟରେ ନିୟୋଜିତ କର୍ମଚାରୀଙ୍କ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ଆବଶ୍ୟକ ପ୍ରତିଷେଧକ ମୂଳକ ପଦକ୍ଷେପ ଉପରେ ଗୁରୁତ୍ୱ ଦିଆଯାଇଥିଲା। ଉଚ୍ଚ ସ୍ଥାନଗୁଡ଼ିକରେ ରକ୍ଷଣାବେକ୍ଷଣ ଏବଂ ନିର୍ମାଣ କାର୍ଯ୍ୟ କରିବା ସମୟରେ ମାନକ ସୁରକ୍ଷା ପ୍ରକ୍ରିୟା ପାଳନ କରିବା, ଉପଯୁକ୍ତ ବ୍ୟକ୍ତିଗତ ସୁରକ୍ଷା ଉପକରଣ ବ୍ୟବହାର କରିବା ଏବଂ ସୁରକ୍ଷିତ କାର୍ଯ୍ୟ ଶୈଳୀ ଆପଣାଇବାର ଗୁରୁତ୍ୱ ବିଷୟରେ ଅଂଶଗ୍ରହଣକାରୀ ମାନଙ୍କୁ ସଚେତନ କରାଯାଇଥିଲା। ଉଚ୍ଚତା ସୁରକ୍ଷା, ଉଦ୍ଧାର କାର୍ଯ୍ୟ ଏବଂ ଛାତର ସିଟିଂ କାମରେ ବିଶେଷ ଜ୍ଞାନ ଥିବା ଏକ ବିଶେଷଜ୍ଞ ସଂସ୍ଥା ମେସର୍ସ ଏମ୍ ଇଣ୍ଡିଆ କନଷ୍ଟ୍ରକସନ ପ୍ରାଇଭେଟ ଲିମିଟେଡ୍ ଦ୍ୱାରା ଏହି ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ଏହି ସଂସ୍ଥା ଏଭଳି କାର୍ଯ୍ୟ ପାଇଁ ସୁରକ୍ଷା ଉପକରଣ ଏବଂ ସରଞ୍ଜାମ ଯୋଗାଇ ଦେଇଛି ଏବଂ ସେଫ୍ଟି ହାର୍ନେସ୍, ଲାଇଫଲାଇନ୍, ଆଙ୍କରେଜ୍ ସିଷ୍ଟମ୍ ଏବଂ ଉଦ୍ଧାର କାର୍ଯ୍ୟ ଉପକରଣର ସଠିକ୍ ବ୍ୟବହାର ପ୍ରଦର୍ଶନ କରି ଏକ ବ୍ୟାବହାରିକ ପ୍ରଦର୍ଶନ ଦେଇଥିଲା। ଉଚ୍ଚତାରେ କାମ କରିବା ସମୟରେ କୌଣସି ଦୁର୍ଘଟଣା ଘଟିଲେ ଜରୁରୀକାଳୀନ ପରିସ୍ଥିତିର ମୁକାବିଲା ଏବଂ ଉଦ୍ଧାର କୌଶଳ ବିଷୟରେ ମଧ୍ୟ ଅଂଶଗ୍ରହଣକାରୀମାନଙ୍କୁ ଅବଗତ କରାଯାଇଥିଲା।

ଏହି ପ୍ରତ୍ୟକ୍ଷ ପ୍ରଦର୍ଶନ ଅଂଶଗ୍ରହଣକାରୀମାନଙ୍କୁ ମୂଲ୍ୟବାନ ବ୍ୟାବହାରିକ ଅଭିଜ୍ଞତା ପ୍ରଦାନ କରିଥିଲା ଏବଂ ଉଚ୍ଚ ସ୍ଥାନଗୁଡ଼ିକରେ କୌଣସି କାମ ଆରମ୍ଭ କରିବା ପୂର୍ବରୁ ବିପଦର ଆକଳନ, ବିପଦ ଚିହ୍ନଟ କରିବା ଏବଂ ସୁରକ୍ଷା ନିୟମାବଳୀ ଅନୁପାଳନ କରିବାର ଗୁରୁତ୍ୱକୁ ଦୋହରାଇବାରେ ସାହାଯ୍ୟ କରିଥିଲା।

ସମସ୍ତ କାର୍ଯ୍ୟକ୍ଷେତ୍ରରେ ଏଭଳି ନିୟମିତ ଦକ୍ଷତା ବିକାଶ ପ୍ରୟାସ, ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଏବଂ ସର୍ବୋତ୍ତମ ସୁରକ୍ଷା ପଦ୍ଧତି ଆପଣାଇବା ଦ୍ୱାରା ଆରଏସପି ର ସୁରକ୍ଷା ପ୍ରୟାସ ସୁଦୃଢ଼ ହେବ ଏବଂ ଏକ ସୁରକ୍ଷିତ ଓ ଦୁର୍ଘଟଣାମୁକ୍ତ କାର୍ଯ୍ୟକ୍ଷେତ୍ର ଗଠନ କରିବାରେ ସାହାଯ୍ୟ ମିଳିବ।

କାର୍ଯ୍ୟକ୍ରମର ପ୍ରାରମ୍ଭରେ, ଜିଏମ୍ (ଅଗ୍ନିଶମ ସେବା) ଶ୍ରୀ ପି. ଏସ୍. ଠାକରେ ଅଂଶଗ୍ରହଣକାରୀ ମାନଙ୍କୁ ସ୍ୱାଗତ କରିଥିଲେ ଏବଂ ଉଚ୍ଚ ବିପଦପୂର୍ଣ୍ଣ କାର୍ଯ୍ୟ କରିବା ସମୟରେ ସୁରକ୍ଷା ପ୍ରତି ସଚେତନ ରହିବାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଅଗ୍ନିଶମ ସେବା ବିଭାଗର ଉପ ପ୍ରବନ୍ଧକ ଶ୍ରୀ ଏସ୍. ସାହୁ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ ଏବଂ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।

## ପଠାଣି ସାମନ୍ତଙ୍କ ପୁଣ୍ୟତିଥିରେ ତାଙ୍କୁ ନମନ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୧/୬ (ନି.ପ୍ର): ପଠାଣି ସାମନ୍ତଙ୍କ ପୁଣ୍ୟତିଥିରେ ତାଙ୍କୁ ନମନ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ଏନେଇ ସୋସିଆଲ ମିଡିଆ ଏକ୍ସରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଓଡ଼ିଶାର ଗର୍ବ ଓ ଗୌରବ, ବିଶ୍ୱପ୍ରସିଦ୍ଧ ଜ୍ୟୋତିର୍ବିଜ୍ଞାନୀ ମହାମହୋପାଧ୍ୟାୟ ସାମନ୍ତ ଚନ୍ଦ୍ରଶେଖର ସିଂହ ହରିଚନ୍ଦନ ମହାପାତ୍ର (ପଠାଣି ସାମନ୍ତ) ଙ୍କ ପୁଣ୍ୟତିଥିରେ ମୋର କୋଟି କୋଟି ପ୍ରଣାମ ଓ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ।ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, କୌଣସି ଆଧୁନିକ ବୈଜ୍ଞାନିକ ଯନ୍ତ୍ରପାତି ନଥାଇ ମଧ୍ୟ କେବଳ ସ୍ୱଦେଶୀ ଜ୍ଞାନକୌଶଳ ବଳରେ ସେ ମହାକାଶ ବିଜ୍ଞାନ କ୍ଷେତ୍ରରେ ଯେଉଁ କାଳଜୟୀ ଗବେଷଣା କରିଥିଲେ, ତାହା ଅଭୁତପୂର୍ବ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ଦିଲ୍ଲୀରେ ନିତି ଆୟୋଗ ...

ରେଳ ବିକାଶ କ୍ଷେତ୍ରରେ କେନ୍ଦ୍ର ସରକାରଙ୍କ ବଜେଟ ଅନୁଦାନ, ସେମିକଣ୍ଡକ୍ଟର କ୍ଷେତ୍ରରେ ରାଜ୍ୟକୁ ମିଳିଥିବା ଦୁଇଟି ପ୍ରକଳ୍ପ, ଶିଶୁ, ଶକ୍ଷା ଏବଂ ମାନବ ବିକାଶ ଆଦି କ୍ଷେତ୍ରରେ ବିଭିନ୍ନ ଯୋଜନା ସଂପର୍କରେ ସେ ଉଲ୍ଲେଖ କରିଛନ୍ତି । ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ବା ଏଆଇ ମାଧ୍ୟମରେ ଶିଶୁଙ୍କ ପାଇଁ ବ୍ୟକ୍ତିଗତ ଶିକ୍ଷା ଓ ବିକାଶ ନିରୀକ୍ଷଣ ବ୍ୟବସ୍ଥା ଆରମ୍ଭ କରାଯିବ ବୋଲି ସେ ଘୋଷଣା କରିଛନ୍ତି ।

### ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ...

୮-୧୦ ବର୍ଷ ତଳର ଏ ଫାଇଲ ହଜିବା ପରେ, ସେତେବେଳେ ଯେଉଁ ଯେଉଁ ଅଧିକାରୀ ଦାୟିତ୍ୱରେ ଥିଲେ ସମସ୍ତଙ୍କ ପାଳି ପଡ଼ିପାରେ । ଏକାଧିକ ବ୍ୟକ୍ତିଙ୍କୁ ପଚରାଉଚରା ପାଇଁ ସମନ୍ ଜାରି କରି କ୍ୟାପିଟାଲ ଥାନାକୁ ଘୋଷଡ଼ାଯିବ । ଯେଉଁଥିପାଇଁ ବଡ଼ବଡ଼ିଆଙ୍କ ଛାତିରେ ଛନକା ପଶିଛି । କାହିଁକି ନା ସିସିଟିଭି ଫୁଟେଜ ଓ କମ୍ପ୍ୟୁଟର ହାର୍ଡଡିସ୍କରୁ ଡିଜିଟାଲ୍ ପ୍ରମାଣ ସଂଗ୍ରହ ହେବ । ସରକାରୀ ନଥିପତ୍ର ଅଣ୍ଡାଳିବ ଏସ୍ଆଇଟି । ପ୍ରତିଦିନର ରିପୋର୍ଟ ପୁଲିସ କମିସନରଙ୍କୁ ଦିଆଯିବ । କନକ ନ୍ୟୁଜକୁ ଏକ୍ସକ୍ଲୁସିଭ ସାକ୍ଷାତକାର ଦେଇ ପୁଲିସ କମିସନର କହିଛନ୍ତି- ଆପରାଧିକ ଷଡ଼ଯନ୍ତ୍ର ଓ ଗାୟବ୍ କରିଦେବା ଆଦି ଦଫାରେ ମାମଲା ହୋଇଛି । ରିପୋର୍ଟରେ କ'ଣ ଥିଲା ଏବଂ କାହାକୁ ଫାଇଦା ହୋଇପାରେ, ସେ ଦିଗ ବି ଖୋଜା ଚାଲିଛି । ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ବି ଫାଇଲ୍ ସୁରକ୍ଷିତ ନୁହେଁ ! ଏହା ଯେତିକି ଉଦବେଗ ସୃଷ୍ଟି କରିଛି, ସେତିକି ସନ୍ଦେହ ସୃଷ୍ଟି କରିଛି- ତଦନ୍ତ ରିପୋର୍ଟ ଗାୟବ୍ ହେବା ପରେ ୨ଟି ଘଟଣାର ସତ ସାମନାକୁ ଆସିବ ତ ?

### ଉତ୍ତରାଧିକାରୀ କାର୍ଡ ...

ଦେଢ଼ ଘଣ୍ଟା ଧରି ଶଙ୍ଖ ଭବନରେ ବସିଲା ରୁଦ୍ଧଦ୍ୱାର ବୈଠକ । ମନରେ ଥିବା ଆଶଙ୍କା, ଅସନ୍ତୋଷ, ଦ୍ୱନ୍ଦ୍ୱ, ବିବାଦକୁ ନେଇ ସୁପ୍ରିମୋଙ୍କ ନିକଟକୁ ଆସିଥିଲେ ନେତା । ଦଳପତିଙ୍କୁ ଏ ବାବଦରେ ଶୁଣାଇବା ସହ ବିବାଦର ସମାଧାନ ହେବ ବୋଲି ଆଶା ରଖିଥିଲେ । ନବୀନ ମଧ୍ୟ ପରାଜିତ ନେତାଙ୍କ କଥାକୁ ଶୁଣିଲେ, ସମାଧାନର ପ୍ରତିଶ୍ରୁତି ଦେଲେ । ଏପରିକି ସଙ୍ଗଠନରେ ଜୋଶ ଭରିବାକୁ ଜିଲ୍ଲା ଗସ୍ତ କରିବାକୁ ହଁ ଭରିଲେ । ହେଲେ ନବୀନଙ୍କର ଏ ପ୍ରତିଶ୍ରୁତି ବିଜେଡି ନେତାଙ୍କ ପାଇଁ ନୂଆ ନୁହେଁ । ଦଳ କ୍ଷମତାରୁ ଯିବା ପରେ ମଧ୍ୟ ସମାନ କଥା କହିଥିଲେ ନବୀନ । ହେଲେ ୨ ବର୍ଷ ବିତିଗଲାଣି କାଁ ଭାଁ କିଛି ସ୍ଥାନକୁ ଛାଡ଼ିଦେଲେ ରାଜଧାନୀ ବାହାରେ ପଡୁନି ନବୀନଙ୍କ ପାଦ । ତୃଣମୂଳସ୍ତରରେ ନେତା ଦଳ ଛାଡୁଥିବାବେଳେ ସଙ୍ଗଠନ ଏବେ ସ୍ଥାଣୁ ଅବସ୍ଥାକୁ ଆସିଲାଣି । ତେଣୁ ପଞ୍ଚାୟତ ପାଇଁ ଏବେଠୁ ଦଳୀୟ ନେତାଙ୍କ କାନରେ ମନ୍ତ୍ର ଫୁଙ୍କିଛନ୍ତି ନବୀନ । ବୈଠକ କରି ପରାଜିତ ନେତାଙ୍କ ମନ ଜିଣିବାକୁ ଚେଷ୍ଟା କଲେ ନବୀନ । ହେଲେ ଦଳୀୟ ମହଲ ଓ ସୋସିଆଲ ମିଡ଼ିଆ, କିଛି କନିଷ୍ଠ ନେତାଙ୍କ ଉତ୍ତରାଧିକାରୀ ଚର୍ଚ୍ଚାକୁ ନେଇ ପଦୁଟିଏ ବି କହିଲେନି ନବୀନ । ଯାହା କର୍ମୀ ଓ ନେତାଙ୍କ ମନରେ ଦ୍ୱନ୍ଦ୍ୱ ବଢାଇଛି । ବିଜେଡି ସୁପ୍ରିମୋଙ୍କ ଏହି ନୀରବ ଅବତାର ପାଇଁ ଏକାଧିକ ନେତା ୟା ଭିତରେ ଦଳ ଛାଡ଼ି ବିଜେପିରେ ସାମିଲ ହୋଇଛନ୍ତି । ତେଣୁ ସଙ୍ଗଠନ ସୁଦୃଢ଼ କରିବାକୁ ନବୀନ ଯେଉଁ ସୂତ୍ର ବାଣ୍ଟିଛନ୍ତି, ତାହା ଗ୍ରାଉଣ୍ଡରେ କେମିତି ସଫଳ ହେବ ? ଏକାଧିକ ନିର୍ବାଚନମଣ୍ଡଳୀରେ ନାହାନ୍ତି ଦଳର ଟାଣୁଆ ଚେହେରା, ତେଣୁ ମଙ୍ଗ ଧରିବ କିଏ ? ବିଜେଡିର ୨୪ ବର୍ଷ ବନାମ ବିଜେପିର ୨୪ ମାସ । ସୋସିଆଲ ମିଡ଼ିଆରେ ଲୋକଙ୍କ ସରକାରଙ୍କ ବିଫଳତାକୁ ଲୋକଙ୍କ ପାଖରେ ପହଞ୍ଚାଇବାକୁ ଦଳୀୟ ନେତାଙ୍କୁ ମନ୍ତ୍ର ଦେଇଛନ୍ତି ବିଜେଡି ମୁଖିଆ ।

### ଦେବାଶିଷ ସାମନ୍ତରାୟ...

ଆଉ ଆଶା ମୁତାବକ ବିଜେପି ତାଙ୍କୁ ପ୍ରାର୍ଥୀ କରିଥିଲା। ସୂଚନାଯୋଗ୍ୟ, ଦେବାଶିଷ ସାମନ୍ତରାୟ ୩ ଥର ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ୨୦୦୦ ମସିହାରେ ବିଜେଡି ଟିକେଟରେ ତିର୍ତ୍ତୋଲ ଆସନରୁ ସେ ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ଏହା ପରେ ୨୦୦୯ ଓ ୨୦୧୪ରେ ସେ ବିଜେଡି ଟିକେଟରେ ବାରବାଟୀ-କଟକ ଆସନରୁ ବିଧାନସଭାକୁ ଯାଇଥିଲେ। ୨୦୧୯ରେ ସେ ଏହି ଆସନରେ ମହମ୍ମଦ ମୋକିମଙ୍କଠାରୁ ପରାସ୍ତ ହୋଇଯାଇଥିଲେ।

# ଓଡ଼ିଆ ଭର୍ଚୁଆଲ ଏକାଡେମୀ ଆନୁକୂଲ୍ୟରେ ଆୟୋଜିତ ପୋଥିବିଜ୍ଞାନ କର୍ମଶାଳା ଉଦ୍ଯାପିତ

ଭୁବନେଶ୍ୱର, ୧୧/୬ (ନି.ପ୍ର): ଓଡ଼ିଆ ଭର୍ଚୁଆଲ ଏକାଡେମୀ ଆନୁକୂଲ୍ୟରେ ଆୟୋଜିତ ଦଶଦିନିଆ ପୋଥିବିଜ୍ଞାନ ସମ୍ବନ୍ଧୀୟ କର୍ମଶାଳା ଗୁରୁବାର ଅପରାହ୍ନରେ ଉଦ୍ଯାପିତ ହୋଇଯାଇଛି । କର୍ମଶାଳାରେ ରାଜ୍ୟର ବିଭିନ୍ନ ସ୍ଥାନରୁ ୫୨ ଜଣ ବିଦ୍ୟାର୍ଥୀ, ଗବେଷକ, ଅଧ୍ୟାପକ ଓ ଅଧ୍ୟାପିକା ଏବଂ ପ୍ରଶିକ୍ଷାର୍ଥୀ ଅଂଶ ଗ୍ରହଣ କରିଥିଲେ । କର୍ମଶାଳାରେ ତତ୍ତ୍ୱଭିତିକ ଆଲୋଚନା ହୋଇଥିଲା ଏବଂ କ୍ଷେତ୍ରୀୟ ଅନୁଶୀଳନ ପାଇଁ ପ୍ରଶିକ୍ଷାର୍ଥୀମାନେ ରାଜ୍ୟ ସଂଗ୍ରହାଳୟ ଯାଇଥିଲେ । ମୁଖ୍ୟ ଅତିଥି ହିସାବରେ ଯୋଗଦେଇ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ବିଦ୍ୟା ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ବିଶାଳ କୁମାର ଦେବ କହିଲେ ଯେ ପ୍ରଶିକ୍ଷାର୍ଥୀମାନେ ସଫଳ ଭାବରେ ପୋଥି ସଂଗ୍ରହ, ସୂଚୀକରଣ ଓ ପୁନର୍ଲିଖନ କାର୍ଯ୍ୟ କରି ଆମ ଜ୍ଞାନଭଣ୍ଡାରର ବିଶ୍ୱବ୍ୟାପି ପ୍ରସାରଣରେ ଭାଗୀଦାର ହେବେ । ଭବିଷ୍ୟତରେ ଭାଷା ସମୃଦ୍ଧି ଅଭିଯାନରେ ସମସ୍ତେ ସାମିଲ ହେବେ ବୋଲି ସେ ଆଶା ପ୍ରକାଶ କରିଥିଲେ । ଓଡ଼ିଆ ଭର୍ଚୁଆଲ ଏକାଡେମୀର ସଚିବ ଡ଼. ପ୍ରଦୀପ କୁମାର ରାଉତ ପୋଥିବିଜ୍ଞାନ କର୍ମଶାଳାରେ ସଫଳ ହୋଇଥିବା ପ୍ରଶିକ୍ଷାର୍ଥୀମାନଙ୍କୁ ମାନୁସ୍କ୍ରିପଟ ଆମ୍ବାସଡ଼ାର ଭାବରେ ଅଭିହିତ କରି ଭବିଷ୍ୟତରେ ସେମାନଙ୍କ ସହଯୋଗ କାମନା କରିଥିଲେ । ବିଭିନ୍ନ ଅଧିବେଶନରେ ପୂର୍ବତନ କୁଳାଧିପତି ତଥା ଜାତୀୟ ପାଣ୍ଡୁଲିପି ମିଶନର ପ୍ରାକ୍ତନ ନିର୍ଦ୍ଦେଶକ ଡ଼. ପ୍ରଫୁଲ୍ଲ କୁମାର ମିଶ୍ର, ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର କୁଳପତି ପ୍ର. ପ୍ରଭାତ କୁମାର ମହାପାତ୍ର, ପ୍ର. ହରେକୃଷ୍ଣ ମିଶ୍ର (ଶାନ୍ତିନିକେତନ), ପ୍ର. ବ୍ରଜ କିଶୋର ସ୍ୱାଇଁ (ପୁରୀ), ପ୍ରଫେସର ଡ. ବ୍ରଜ ସୁନ୍ଦର ମିଶ୍ର, ପାଠ୍ୟକ୍ରମ ସଂଯୋଜକ ଡ଼. ବିଭୂତି ଭୂଷଣ ମହାପାତ୍ର, ଆୟୁଷ ମନ୍ତ୍ରାଳୟର ପୂର୍ବତନ ଉପ ମହାନିର୍ଦ୍ଦେଶକ ଡ଼. ମଦନ ମୋହନ ପାଢ଼ୀ, ଇନ୍ଟାକର ନିର୍ଦ୍ଦେଶକ ଡ଼. ମଲ୍ଲିକା ମିତ୍ର, ଡ଼. ମମତା ମିଶ୍ର, ରାଜ୍ୟ ସଂଗ୍ରହାଳୟର ଅଧିକ୍ଷକ ଡ଼. ଭାରତୀ ପାଲ, ଡ଼. ନିବେଦିତା ପତି (କେଉଁଝର), ପ୍ରୀତାଂଶୁ ପ୍ରିୟଦର୍ଶିନୀ ମିଶ୍ର, ବାସନ୍ତୀ ଦାସ ପ୍ରମୁଖ ସଂସାଧନ ବକ୍ତା ଭାବରେ ଯୋଗଦେଇ ଥିଲେ । କାର୍ଯ୍ୟକ୍ରମରେ ପ୍ର. ପ୍ରଫୁଲ୍ଲ କୁମାର ମିଶ୍ର, ଡ଼. ବିଭୂତି ଭୂଷଣ ମହାପାତ୍ର ମଧ୍ୟ ବକ୍ତବ୍ୟ ରଖିଥିଲେ । ପୋଥିବିଜ୍ଞାନ ସମ୍ପର୍କିତ ଏକ ପୁସ୍ତକ ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା । କର୍ମଶାଳା ସଂଯୋଜକ ଦେବାନନ୍ଦ ଭଞ୍ଜ ଧନ୍ୟବାଦ ଅର୍ପଣ କରିଥିଲେ । ପ୍ରଶିକ୍ଷାର୍ଥୀମାନଙ୍କ ପକ୍ଷରୁ ସୋନାଲି ନାୟକ, ସୁଧାଂଶୁ ରାଉତ ଓ ଅବିନ୍ୟାସ ବେହେରା ସେମାନଙ୍କ ଅନୁଭୂତି ଉପସ୍ଥାପନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଏକାଡେମୀର ବରିଷ୍ଠ ପ୍ରବନ୍ଧକ ସ୍ମୃତି ରଞ୍ଜନ ମିଶ୍ର, ସ୍ୱତନ୍ତ୍ର ଅଧିକାରୀ ଶ୍ରୀନିବାସ ମିଶ୍ର, ବିଶେଷଜ୍ଞ ଡ଼. ଡି. ଏନ. ମହାନ୍ତି, ସଚ୍ଚିଦାନନ୍ଦ ପଣ୍ଡା, ପରଂବ୍ରହ୍ମ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ ।

# ପାରାଦୀପ ବନ୍ଦର ପକ୍ଷରୁ ମିଳିତ ଆପାତ୍କାଳୀନ ମକ୍ଡ୍ରିଲ୍



ପାରାଦୀପ, ୧୧/୬ (ନି.ପ୍ର): ଆପାତ୍କାଳୀନ ସ୍ଥିତିରେ କିପରି ଏହାର ସଫଳ ମୁକାବିଲା କରାଯାଇ ପାରିବ ସେ ସମ୍ପର୍କରେ ଏକ ମିଳିତ ମକ୍ଡ୍ରିଲ୍ ପାରାଦୀପ ବନ୍ଦର ପକ୍ଷରୁ ଏନଡିଆରଏଫ୍ ୩ୟ ବାଟାଲିୟନ୍ ମୁଣ୍ଡଳି ସହଯୋଗରେ ଗୁରୁବାର ଦିନ ଆୟୋଜିତ ହୋଇଥିଲା । ଏହି ମିଳିତ ମକ୍ଡ୍ରିଲ୍‌ରେ ବିଭିନ୍ନ ସରକାରୀ ସଂସ୍ଥା, ଶିଳ୍ପସଂସ୍ଥା ସାମିଲ ହୋଇଥିଲେ । ଯଦି କେବେ ବାତ୍ୟା, ଶିଳ୍ପଜନିତ ବିପର୍ଯ୍ୟୟ, ଅଗ୍ନିଜନିତ ଦୁର୍ଘଟଣା ଭଳି ସ୍ଥିତି ସୃଷ୍ଟି ହୁଏ ତେବେ ଏଥି ପାଇଁ ପ୍ରସ୍ତୁତି ସଠିକ୍ ଭାବେ ଅଛି ତାହାର ଏକ ନମୁନା ପ୍ରଦର୍ଶିତ ହୋଇଥିଲା । ଏନଡିଆରଏଫ୍ ଟିମ୍ କମାଣ୍ଡର ରମାକାନ୍ତ ଦାଶ ଏସମ୍ପର୍କରେ ସବିଶେଷ ତଥ୍ୟ ଉପସ୍ଥାପନ କରିଥିଲେ । ସମସ୍ତଙ୍କ ମଧ୍ୟରେ ସମନ୍ୱୟ ରଖି ପାରିଲେ ଏହି ଆପତ୍କାଳୀନ ସ୍ଥିତିର ସଠିକ୍ ମୁକାବିଲା ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ । ମକ୍ଡ୍ରିଲ୍‌ରେ ଯଦି କୌଣସି ସମୟରେ କୌଣସି ଏକ ବିଲଡିଂ ଭୁସୁଡି ପଡେ ଏହା ପରେ ସେଥି ମଧ୍ୟରେ ରହି ଯାଇଥିବା ଲୋକମାନଙ୍କୁ କିପରି ଉଦ୍ଧାର କରାଯିବ, ରାସ୍ତା ଯାତାୟତ ନିମନ୍ତେ ଉପଯୋଗ କରିବା, ବାତ୍ୟା ସମୟର ମୁକାବିଲା, ଅଗ୍ନି ନିର୍ବାପନ ସହିତ ଘଟଣାସ୍ଥଳରେ ଡାକ୍ତରୀ ଦଳ କିଭଳି ତ୍ୱରିତ ଭାବେ ପହଂଚି ପାରିବେ ଓ ଜୀବନ ରକ୍ଷା କରି ପାରିବେ ତାର ନମୁନା ପ୍ରଦର୍ଶିତ ହୋଇଥିଲା । ଏହି ମକ୍ଡ୍ରିଲ୍‌ରେ ସହଯୋଗ କରିଥିବା ସମସ୍ତ ସଂସ୍ଥାମାନଙ୍କୁ ଧନ୍ୟବାଦ ଦେଇଥିଲେ ସିଆଇଏସଏଫ କମାଣ୍ଡା ସନତ କୁମାର ପଟେଲ ଏବଂ ଏହି ମକ୍ଡ୍ରିଲ୍‌ର ନିୟମିତ ବ୍ୟବଧାନରେ କରାଯିବାର ଆବଶ୍ୟକତା ରହିଛି ବୋଲି ମତ ଦେଇଥିଲେ । ଏନଡିଆରଏଫ, ସିଆଇଏସଏଫ, ରାଜ୍ୟ ଅଗ୍ନିଶମ ବିଭାଗ, ଓଡିଶା ପୋଲିସ୍ ସମେତ ବିଭିନ୍ନ ସରକାରୀ, ଶିଳ୍ପସଂସ୍ଥା, ପାରାଦୀପ ବନ୍ଦରର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ । ପାରାଦୀପ ବନ୍ଦର ସବୁବେଳେ ସମସ୍ତ ପ୍ରକାରର ଆପାତ୍କାଳୀନ ବିପର୍ଯ୍ୟୟର ସଫଳ ମୁକାବିଲା କରିବା ପାଇଁ ପ୍ରସ୍ତୁତ ଥିବା ଜଣାପଡିଛି ।

# ସାମାଜିକ ସୁରକ୍ଷାରୁ ବଂଚିତ 'ଦୁଃଶାସନ'

ଉଦଳା, ୧୧/୬ (ନି.ପ୍ର): ବଡ଼ସାହି ବ୍ଲକର ସୁହାଗପୁରା ପଂଚାୟତ ଅନ୍ତର୍ଗତ କଉଡ଼ିଖଣି ଗ୍ରାମର ବାସିନ୍ଦା ସ୍ୱର୍ଗତଃ ଗାଜୁ ମାର୍ଣ୍ଡିଙ୍କର ୭୫ ବର୍ଷ ବୟସର ପୁତ୍ର 'ଦୁଃଶାସନ' ଏପର୍ଯ୍ୟନ୍ତ ସାମାଜିକ ସୁରକ୍ଷା ଯୋଜନାରେ ସରକାର ଯୋଗାଇ ଦେଉଥିବା ଭତା ପାଇବାରୁ ବଂଚିତ ଥିବାର ଜଣାଇଛନ୍ତି । ଦିନମଜୁରିଆ ଭାବରେ କାମ କରି ନିଜର ଦୈନନ୍ଦିନର ଗୁଜୁରାଣ ମେଂଟାଉଥିବା 'ଦୁଃଶାସନ'ଙ୍କର ବୟସ ହଟି ଯାଇଥିବାରୁ ସେ ଆଗଭଳି ଖଟିପାରୁ ନାହାଁନ୍ତି । ଫଳରେ ବହୁ ଅସୁବିଧାର ସମ୍ମୁଖିନ ହେଉଥିବାର କଥା କହିଛନ୍ତି । ଭତା ପାଇବା ପାଇଁ ବାରମ୍ବାର ଗ୍ରାମ ପଂଚାୟତ କାର୍ଯ୍ୟାଳୟର ଦ୍ୱାରସ୍ଥ ହୋଇ ଗୁହାରି ଜଣାଇଥିଲେ ମଧ୍ୟ କେହି କର୍ଣ୍ଣପାତ କରୁନଥିବାର ସେ ଅଭିଯୋଗ କରିଛନ୍ତି । 'ଦୁଃଶାସନ'ଙ୍କୁ ତୁରନ୍ତ ଭତା ଯୋଗାଇ ଦେବାକୁ ବିଭିନ୍ନ ମହଲରେ ଦାବି ହେଉଛି ।

ଶୁକ୍ରବାର, ଜୁନ୍ ୧୨, ୨୦୨୬

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

# ଡ଼ବଲ ଇଂଜିନ ସରକାର ଭତ୍ତା ପ୍ରଦାନରେ ବିଫଳ : ଉଦଳା ବ୍ଲକ କଂଗ୍ରେସ

ଉଦଳା, ୧୧/୬ (ନି.ପ୍ର): ସାମାଜିକ ସୁରକ୍ଷା ଯୋଜନାରେ ବାର୍ଦ୍ଧକ୍ୟ, ବିଧବା, ଭିନ୍ନକ୍ଷମ ଇତ୍ୟାଦିଙ୍କୁ ସରକାର ଯେଉଁ ଭତା ପ୍ରଦାନ କରୁଛନ୍ତି ଏଥିରେ କ୍ଷମତାରେ ଥିବା ଡ଼ବଲ ଇଂଜିନ ସରକାର ବିଫଳ ବୋଲି ଦୋଷାରୋପ କରିବା ସହ ଆଜି ଚଳିତ ଜୁନ ୧୧ ତାରିଖ ଗୁରୁବାର ଦିନ ଉଦଳା ବ୍ଲକ କଂଗ୍ରେସ ତରଫରୁ ବିକ୍ଷୋଭ ପ୍ରଦର୍ଶନର ପର୍ବ ଅନୁଷ୍ଠିତ ହୋଇ ଯାଇଛି । କଂଗ୍ରେସର ମୟୂରଭଂଜ (ପୂର୍ବ) ଜିଲ୍ଲା ସଭାପତି ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳ ଓ ବରିଷ୍ଠ ନେତା ନାରାୟଣ ପଟନାୟକ ଆଜିର ଏହି କାର୍ଯ୍ୟକ୍ରମର ନେତୃତ୍ୱ ନେଇଥିବା ବେଳେ ଦୁଃଖିଶ୍ୟାମ ମୁର୍ମୁ, ଯୋଗେନ୍ଦ୍ର ବାରସାଳିଆ, ଉତମ ବେହେରା ପ୍ରମୁଖ ସହଯୋଗ କରିଥିଲେ । ପ୍ରାରମ୍ଭରେ ଶତାଧିକ କଂଗ୍ରେସ ଦଳର କର୍ମୀ ହାତରେ ଦଳିୟ ପତାକା ଧରି ଉଦଳା ସହର ପରିକ୍ରମା କରିବା ସହ 'ଡ଼ବଲ ଇଂଜିନ ସରକାର ହାଏ ହାଏ' ବୋଲି ସ୍ଲୋଗାନ ଦେଇଥିଲେ । ଏହାପରେ ସ୍ଥାନୀୟ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଂଚି ବାର୍ଦ୍ଧକ୍ୟ, ବିଧବା ଓ ଭିନ୍ନକ୍ଷମ ମାନଙ୍କୁ ତୁରନ୍ତ ଭତା ପ୍ରଦାନ କରିବାକୁ ଦାବି ଜଣାଇଥିଲେ । କଂଗ୍ରେସର ଏପରି



ଏକ ପର୍ବ ଆସନ୍ତା ପଂଚାୟତ ନିର୍ବାଚନରେ ବେଶ ଭଲ ପ୍ରଭାବ ପକାଇବ ବୋଲି କୁହାଯାଉଛି ।

# ଧାନ କିଣାରେ ଅବ୍ୟବସ୍ଥା: ଜଳେଶ୍ୱରରେ ୧୮ରୁ ଚାଷୀଙ୍କ ଆମରଣ ଅନଶନ ଚେତାବନୀ

ଜଳେଶ୍ୱର, ୧୧/୬ (ନି.ପ୍ର): ସରକାର ଚାଷୀଙ୍କ ସମସ୍ୟାର ସମାଧାନ ପାଇଁ ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଥିବା ଦାବି କରୁଥିବା ବେଳେ, ପ୍ରଶାସନିକ ଉଦାସୀନତା ଯୋଗୁଁ ଏବେ ଚାଷୀ ରାଜରାସ୍ତାକୁ ଓହ୍ଲାଇବା ପାଇଁ ବାଧ ହେଉଛି। ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ବ୍ଲକ ଅଧୀନରେ ଥିବା ଜ୍ୟୋତିଜଙ୍ଗମ ଏବଂ ଖାଲିନା ମଣ୍ଡିରେ ଧାନ କିଣାରେ ବ୍ୟାପକ ଅବ୍ୟବସ୍ଥା ଦେଖାଦେଇଛି। ଏହାର ପ୍ରତିବାଦରେ ଆସନ୍ତା ୧୮ ତାରିଖରୁ ଜ୍ୟୋତିଜଙ୍ଗମ ସେବା ସମବାୟ ସମିତି ପକ୍ଷରୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ଧାରଣା ଓ ଆମରଣ ଅନଶନ କରାଯିବ ବୋଲି ଚେତାବନୀ ଦିଆଯାଇଛି। ଜଳେଶ୍ୱର ବ୍ଲକର ଦୁଇଟି ପ୍ରମୁଖ ମଣ୍ଡିରେ ଚାଷୀଙ୍କ ଆବଶ୍ୟକତା ତୁଳନାରେ ମିଲରମାନଙ୍କୁ ବହୁତ କମ୍ ଟାର୍ଗେଟ୍ ମିଳିଥିବାରୁ ଧାନ ବିକ୍ରି ପ୍ରକ୍ରିୟା ମନ୍ଥର ହୋଇପଡ଼ିଛି। ଜ୍ୟୋତିଜଙ୍ଗମ ମଣ୍ଡିରେ ମୋଟ ପଞ୍ଜିକୃତ ୩୮୧ ଜଣ ଚାଷୀଙ୍କର



୧୨,୫୧୧ କ୍ୱିଣ୍ଟାଲ ଧାନ ସଂଗ୍ରହର ଆବଶ୍ୟକତା ରହିଛି। ମାତ୍ର ଏସ.ଏସ. ଏଗ୍ରି (୩୦୦୦ କ୍ୱିଣ୍ଟାଲ) ଏବଂ ରମାଦେବୀ ରାଇସ ମିଲ୍ (୧୨୦୦ କ୍ୱିଣ୍ଟାଲ) କୁ ମିଶାଇ ମାତ୍ର ୪,୨୦୦ କ୍ୱିଣ୍ଟାଲର ଟାର୍ଗେଟ୍ ଦିଆଯାଇଛି। ବିଗତ ୨୧ ଦିନ ମଧରେ ୯୨ ଜଣ ଚାଷୀଙ୍କଠାରୁ ୧୧ ଖଣ୍ଡ ଟ୍ରକ ଯୋଗେ ମାତ୍ର ୨,୮୯୯ କ୍ୱିଣ୍ଟାଲ ଧାନ କିଣାଯାଇଛି। ରଜ ପର୍ବକୁ ବାଦ୍ ଦେଲେ ଅବଶିଷ୍ଟ ୧୬ ଦିନ ମଧରେ ଆହୁରି ୮,୩୧୧ କ୍ୱିଣ୍ଟାଲ ଟାର୍ଗେଟ୍ ସହିତ ୪୩ ଖଣ୍ଡ ଗାଡ଼ିର ଜରୁରୀ ଆବଶ୍ୟକତା ରହିଛି। ସେହିପରି ଖାଲିନା ମଣ୍ଡିର ମୋଟ ପଞ୍ଜିକୃତ ୩୬୭ ଜଣ ଚାଷୀଙ୍କଠାରୁ ୧୨,୩୬ କ୍ୱିଣ୍ଟାଲ ଧାନ କିଣିବାର ଆବଶ୍ୟକତା ରହିଛି।ମାତ୍ର ବାଲେଶ୍ୱର ସୋଲଭେଣ୍ଟ (୨୫୦୦ କ୍ୱିଣ୍ଟାଲ) ଓ ଏସ.ଏନ.ଏମ. ରାଇସ ମିଲ୍ (୧୬୦୦ କ୍ୱିଣ୍ଟାଲ) କୁ ମିଶାଇ ମୋଟ ୪,୧୦୦ କ୍ୱିଣ୍ଟାଲର ଟାର୍ଗେଟ୍ ମିଳିଛି। କିନ୍ତୁ ଏପର୍ଯ୍ୟନ୍ତ ୯ ଖଣ୍ଡ ଟ୍ରକ ଯୋଗେ ୫୧ ଜଣ ଚାଷୀଙ୍କଠାରୁ ୨,୨୧୩ କ୍ୱିଣ୍ଟାଲ ଧାନ କିଣାଯାଇଛି। ଅବଶିଷ୍ଟ ୩୧୬ ଜଣ ଚାଷୀଙ୍କଠାରୁ ଧାନ ସଂଗ୍ରହ ପାଇଁ ରଜକୁ ବାଦ୍ ଦେଇ ୧୬ ଦିନ ମଧରେ ୪୪ ଖଣ୍ଡ ଟ୍ରକ ଯୋଗେ ୧୨,୧୮୨ କ୍ୱିଣ୍ଟାଲ ଧାନ କିଣିବା ସହ ଅଧିକ ୮,୨୯୬ କ୍ୱିଣ୍ଟାଲ ଧାନର ଟାର୍ଗେଟ୍ ଆବଶ୍ୟକ ହେଉଛି। ଉକ୍ତ ସମସ୍ୟାର ତୁରନ୍ତ ସମାଧାନ ଏବଂ ପ୍ରଶାସନିକ ହସ୍ତକ୍ଷେପ ନିମନ୍ତେ ଜଳେଶ୍ୱର ବିଡିଓ ଗୌରାଙ୍ଗ ଚରଣ ଘୋଷ, ତହସିଲଦାର ସତ୍ୟଜିତ ମହାନ୍ତି, ଖାଦ୍ୟ ଯୋଗାଣ ବିଭାଗ ଏବଂ ସ୍ଥାନୀୟ ପୋଲିସ ପ୍ରଶାସନ ନିକଟରେ ଚାଷୀଙ୍କ ପକ୍ଷରୁ ଲିଖିତ ଦରଖାସ୍ତ ପ୍ରଦାନ କରାଯାଇଛି। ଏକ ସପ୍ତାହ ମଧରେ ଯଦି ପ୍ରଶାସନ କୌଣସି ଠୋସ ପଦକ୍ଷେପ ଗ୍ରହଣ ନକରେ, ତେବେ ଆସନ୍ତା ୧୮ ତାରିଖରୁ ସେବା ସମବାୟ ସମିତି କାର୍ଯ୍ୟାଳୟ ସମ୍ମୁଖରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଧର୍ମଘଟ ସହ ଆମରଣ ଅନଶନ କରାଯିବ।ଜ୍ୟୋତିଜଙ୍ଗମ ସେବା ସମବାୟ ସମିତିର ସଭାପତି ସଞ୍ଜୟ କୁମାର ଦେ, କାର୍ଯ୍ୟକାରୀ ସଭାପତି ସ୍ୱର୍ଣ୍ଣମୟୀ ଦେ,ସଦସ୍ୟ ବାସୁଦେବ ଜେନା,ଜଗନ୍ନାଥ ପ୍ରଧାନ, ସୁଶାନ୍ତ କୁମାର ପ୍ରଧାନ, ପାର୍ବତୀ ଦେ,କ୍ରୀଷ୍ଣା ମହାପାତ୍ର, ନଗେନ୍ଦ୍ର ଦେଙ୍କ ସମେତ ବହୁ ସଂଖ୍ୟାରେ ପଞ୍ଜିକୃତ ଚାଷୀ ଉପସ୍ଥିତ ଥିଲେ।ଚାଷୀଙ୍କ ସ୍ୱାର୍ଥର ସୁରକ୍ଷା ପାଇଁ ପ୍ରଶାସନ କେବେ ପଦକ୍ଷେପ ନେଉଛି,ତାହା ଦେଖିବାକୁ ବାକି ରହିଲା।

# ବିଶିଷ୍ଟ ଶିକ୍ଷାବିତ ମହେନ୍ଦ୍ର ପ୍ରସାଦ ପଣ୍ଡାଙ୍କ ପରଲୋକ

ବାସୁଦେବପୁର, ୧୧/୬ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ ବରଣ୍ଡୁଆ ପଞ୍ଚାୟତର ମଧୁସୂଦନପୁର ଗ୍ରାମରେ ଜନ୍ମ ଗ୍ରହଣ କରିଥିବା ବିଶିଷ୍ଟ ଶିକ୍ଷାବିତ୍ ତଥା ଆଦର୍ଶ ଶିକ୍ଷକ ମହେନ୍ଦ୍ର ପ୍ରସାଦ ପଣ୍ଡାଙ୍କ ଭୁବନେଶ୍ୱର ସମ୍ ହସପିଟାଲରେ ପରଲୋକ ଘଟିଛି। ସ୍ୱର୍ଗତ ପଣ୍ଡା ଦୀର୍ଘ ଦିନ ଧରି ଅସୁସ୍ଥ ଥିଲେ । ସ୍ୱର୍ଗତ ପଣ୍ଡା ଦୀର୍ଘ ବର୍ଷ ଧରି ବେତଡା ମଧ ଇଂରାଜୀ ବିଦ୍ୟାଳୟରେ ଶିକ୍ଷକ ଚାକିରୀ କରିଥିଲେ ଏବଂ ଅନେକ ଛାତ୍ର ଛାତ୍ରୀ ମାନଙ୍କୁ ସୁନ୍ଦର ପାଠ ପଢ଼ାଇ ଉତ୍ତମ ମଣିଷ ଭାବରେ ଗଠନ କରି ଭବିଷ୍ୟତ ଉଜ୍ଜ୍ୱଳ ମୟ କରିଥିଲେ। ସ୍ୱର୍ଗତ ପଣ୍ଡା ବେତଡା ସର୍ବ ପୁରାତନ ଲକ୍ଷ୍ମୀ ପୂଜା କମିଟିରେ ସମ୍ପାଦକ ଭାବରେ ଅତୀତରେ କାର୍ଯ୍ୟ କରିଥିଲେ ଏବଂ ଉତ୍କଳମଣି ଗୋପବନ୍ଧୁ ସଂସ୍କୃତ ମହାବିଦ୍ୟାଳୟ ପ୍ରତିଷ୍ଠା କ୍ଷେତ୍ରରେ ସ୍ୱର୍ଗତ ପଣ୍ଡାଙ୍କର ମୁଖ୍ୟ ଅବଦାନ ରହିଥିଲା। ତାଙ୍କର ମୃତ୍ୟୁ ଶଯ୍ୟା ନିକଟରେ ବାସୁଦେବପୁର ବ୍ଲକ ଅଧକ୍ଷ ନଗେନ୍ଦ୍ର ପ୍ରସାଦ ବିଶ୍ୱାଳ, ସୁରେନ୍ଦ୍ର ପ୍ରସାଦ ବେଜ, ସ୍ୱର୍ଗତ ପଣ୍ଡାଙ୍କ ପୁତ୍ର



ଗୌରାଙ୍ଗ ଚନ୍ଦ୍ର ପଣ୍ଡା, ନିତ୍ୟାନନ୍ଦ ପଣ୍ଡା, ନିଗମାନନ୍ଦ ପଣ୍ଡା, ବିବେକାନନ୍ଦ ପଣ୍ଡା, କନ୍ୟା, ନାତି, ନାତୁଣୀ, ପୁତ୍ର ବଧୂ, ବନ୍ଧୁ ବର୍ଗ, ଆତ୍ମୀୟ ସ୍ୱଜନ, ଗ୍ରାମବାସୀ ଉପସ୍ଥିତ ଥିଲେ ଏବଂ ଶେଷ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ବାଢ଼ିଥିଲେ ଏବଂ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ତାଙ୍କର ପରଲୋକରେ ବାସୁଦେବପୁର ବ୍ଲକ ତଥା ଭଦ୍ରକ ଜିଲ୍ଲାରେ ଶୋକର ଛାୟା ଖେଳି ଯାଇଛି। ସ୍ୱର୍ଗତ ପଣ୍ଡା ଙ୍କ ବିୟୋଗରେ ବହୁ ସାହିତ୍ୟ ଅନୁଷ୍ଠାନ, ଶିକ୍ଷା ଅନୁଷ୍ଠାନ, ଶିକ୍ଷକ ଶିକ୍ଷୟତ୍ରୀ, ଛାତ୍ର ଛାତ୍ରୀ, ସମାଜସେବୀ, କବି, ସାହିତ୍ୟିକ ଶୋକ ପ୍ରକାଶ କରିଛନ୍ତି।

# ପ୍ରାକ୍ତନ ସେବା ସମବାୟ ସଭାପତି ବାଣୀ କଲ୍ୟାଣ ମହାପାତ୍ରଙ୍କ ଦେହାନ୍ତ



ଭଦ୍ରକ , ୧୧/୬ (ନି.ପ୍ର): କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ନାତି ଓ ସ୍ୱାଧୀନତା ସଂଗ୍ରାମୀ ଗୌରଚନ୍ଦ୍ର ମହାପାତ୍ର ଙ୍କ ପୁଅ ସମାଜିକ କର୍ମୀ,ଐତିହାସିକ କାଳୀମେଘା ମେଳଣ କମିଟିର ସଭାପତି, ପ୍ରାକ୍ତନ ସେବା ସମବାୟ ସଭାପତି ତଥା ଜଣେ ମେଳାପୀ ବ୍ୟକ୍ତିତ୍ୱ ବାଣୀ କଲ୍ୟାଣ ମହାପାତ୍ର ( ଗୁଟୁ ଭାଇ) ଙ୍କର ଗତକାଲି ଭୋର ୩ ଟା ସମୟରେ ଦେହାନ୍ତ ହୋଇଯାଇଛି । ତାଙ୍କୁ ତାଙ୍କ ଭଦ୍ରକ ର ନୂଆ ବଜାର ର ଘର, ଗାଁ ତିହିଡି ବ୍ଲକ ର ତାଳପଦା କୁ ନିଆ ଯାଇ ଶେଷରେ ପୁରୀ ସ୍ୱର୍ଗଦ୍ୱାରରେ ଆଜି ଶେଷ କୃତ୍ୟ ସମ୍ପର୍ଣ୍ଣ କରାଯାଇଛି । ବଡ଼ ଭାଇ ଖବରଦାତା ଗୁରୁ କଲ୍ୟାଣ ମହାପାତ୍ର, ପ୍ରଭୁ କଲ୍ୟାଣ ମହାପାତ୍ର ସାନଭାଇ ଉମାକଲ୍ୟାଣ ମହାପାତ୍ର ଙ୍କ ସମେତ ସମସ୍ତ ଭାଇ, ପତ୍ନୀ ଓ ସପରିବାର, ବନ୍ଧୁବାନ୍ଧବ ଓ ଆତ୍ମିୟସ୍ୱଜନ ଉପସ୍ଥିତ ଥିଲେ ତାଙ୍କ ମୃତ୍ୟୁ ରେ ଖାଲି ଗାଁ ତାଳପଦା ନୁହଁ, ତିହିଡି ଓ ଭଦ୍ରକ ସହରରେ ଶୋକର ଛାୟା ଖେଳି ଯାଇଛି ।

# ଆଠ ଦଫା ଦାବି ନେଇ ବସ୍ତା ଜେଏମ୍ଏମର ଶୋଭାଯାତ୍ରା

ବସ୍ତା, ୧୧/୬ (ନି.ପ୍ର): ବସ୍ତା ରେଳ ଷ୍ଟେସନ ନିକଟରୁ ଜେଏମ୍ଏମ୍ ସ୍ଥାନୀୟ ଶାଖା ପକ୍ଷରୁ ଆଠ ଦଫା ସମ୍ବଳିତ ଦାବି ନେଇ ଏକ ଶୋଭାଯାତ୍ରା ଦଳର ଜିଲା ସଭାପତି କମଳ ଲୋଚନ ବାରିକଙ୍କ ନେତୃତ୍ୱରେ ବାହାରି ବସ୍ତା ତହସିଲ କାର୍ଯ୍ୟାଳୟଠାରେ ପହଞ୍ଚିଥିଲା।ବସ୍ତା ଅଞ୍ଚଳର ରେଳ ଭିତ୍ତିଭୂମି ବିକାଶ ସହ ବାଲିଆପାଳରୁ ମଧ ଓଡ଼ିଶା ଦେଇ ବିଜୟୱାଡ଼ାକୁ ରେଳପଥ ନିର୍ମାଣ, ଅମର୍ଦା ବିମାନ ବନ୍ଦରକୁ କାର୍ଯ୍ୟକ୍ଷମ କରିବା, ବସ୍ତାରୁ ଠାକୁରମୁଣ୍ଡା ଦେଇ ମା'ତାରିଣୀ ପୀଠକୁ ନୂତନ ରେଳପଥ ନିର୍ମାଣ, ବସ୍ତା ରେଳ ଷ୍ଟେସନରେ ଅଣ୍ଡର ପାଶ ନିର୍ମାଣ, ଜଳକା ନଦୀ ଉପରେ ହାଣ୍ଡିଧୂଆ ଠାରେ ପୋଲ




ନିର୍ମାଣ, ବସ୍ତା ଷ୍ଟେସନରେ ଜନ ଶତାବ୍ଦୀ, ସମ୍ପର୍କ କ୍ରାନ୍ତି, ନୀଳାଚଳ୍ ଏକସ୍ ପ୍ରେସ୍ ରହଣି ସମେତ ଆଠ ଦଫା ଦାବି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ତହସିଲଦାର ସୁଶାନ୍ତ କୁମାର ପଟ୍ଟନାୟକଙ୍କୁ ଦିଆ ଯାଇଥିଲା।ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧରେ ବସ୍ତା ବ୍ଲକ ଦଳୀୟ ସଭାପତି ଏମ୍ ଜେଡ୍ କାଦ୍ରି, ଏନ୍ ଏ ସି ସଭାପତି ପ୍ରଶାଂତ ପାତ୍ର, ସମ୍ପାଦକ ଶମ୍ଭୁନାଥ ବେହେରା, ଶେଖ ରିୟାଜୁଦ୍ଦିନ୍, ପ୍ରଶାଂତ ବେହେରା, ଟାଙ୍ଗାୟ ମାଝୀ, ବୈଦ୍ୟନାଥ ମୁର୍ମୁ ସମେତ ବହୁ କର୍ମୀ ଓ ସମର୍ଥକ ଯୋଗ ଦେଇଥିଲେ।

# ଶ୍ରୀରାମପୁର ପଂଚାୟତରେ ସାଢେ ୩ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ରାସ୍ତା ନିର୍ମାଣ ପାଇଁ ଶିଳାନ୍ୟାସ କଲେ ବିଧାୟକ ମାନସ କୁମାର ଦତ୍ତ

ବାଲେଶ୍ୱର, ୧୧/୬ (ନି.ପ୍ର): ବାଲେଶ୍ୱର ସଦର ନିର୍ବାଚନ ମଣ୍ଡଳୀର ଶ୍ରୀରାମପୁର ପଂଚାୟତରେ ଗୋଟିଏ ମୁଖ୍ୟ ରାସ୍ତା ପ୍ରକଳ୍ପ ପାଇଁ ଶିଳାନ୍ୟାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟମନ୍ତ୍ରୀ ସଡକ ଯୋଜନା ଅଧିନରେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ସାଢେ ୩କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ ଅଟକଳରେ ଏହି ରାସ୍ତା ନିର୍ମିତ ହେବ । ଏହି ପରିପ୍ରେକ୍ଷୀରେ ଶ୍ରୀରାମପୁର ପଂଚାୟତର ପୁରାଣ ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ସଦର ବିଧାୟକ ମାନସ କୁମାର ଦତ୍ତ ମୁଖ୍ୟଅତିଥି ଭାବେ ଯୋଗଦେଇ ବଳବୁଦ୍ଧି ଆର.ଡ଼ି ରାସ୍ତା (ପୁରାଣ ଶିବ ମନ୍ଦିର) ଠାରୁ ଚକୁରି ଭାୟା କ୍ଷୀରଙ୍ଗ କାଟୁଲଡିହା ନିମା ରାସ୍ତା ପର୍ଯ୍ୟନ୍ତ ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ଶୁଭାରମ୍ଭ ପାଇଁ ଶିଳାନ୍ୟାସ କରିଥିଲେ । ବିଗତ



ସରକାରଙ୍କ ଅମଳରେ ଗ୍ରାମାଂଚଳରେ ଭୁସୁଡି ପଡିଥିବା ଗମନାଗମନ ବ୍ୟବସ୍ଥାର ପୁନରୁଦ୍ଧାର ପାଇଁ ବିଗତ ୨ବର୍ଷ ମଧରେ ରାଜ୍ୟର ଲୋକପ୍ରିୟ ବିଜେପି ସରକାରଙ୍କ ପକ୍ଷରୁ ଜାରି ରହିଥିବା ଉଦ୍ୟମ ସମ୍ପର୍କରେ ଶ୍ରୀ ଦତ୍ତ ସୂଚନା ଦେଇଥିଲେ । ଗ୍ରାମାଂଚଳକୁ ସହର ସହିତ ଯୋଡ଼ିବା ଲକ୍ଷ୍ୟରେ ଯାତାୟତ ବ୍ୟବସ୍ଥାକୁ ସୁଦୃଢ କରିବା ପାଇଁ ରାଜ୍ୟ ସରକାର ତ୍ୱରିତ ପଦକ୍ଷେପ ଗ୍ରହଣ ପୂର୍ବକ କାର୍ଯ୍ୟାନୁଷ୍ଠାନ ନେଉଛନ୍ତି । ଏହି କ୍ରମରେ ସଠିକ ମାନଦଣ୍ଡ ଓ ଗୁଣବତା ଯୁକ୍ତ ରାସ୍ତା ନିର୍ମାଣ ପାଇଁ ସେ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ସମସ୍ତ ପ୍ରକଳ୍ପଗୁଡିକର ସଫଳ ରୂପାୟନ ପାଇଁ ଗ୍ରାମବାସୀଙ୍କ ସହଯୋଗ କାମନା ସହ ଯୋଜନାବଦ୍ଧ ତଥା ଧାର୍ଯ୍ୟ ସମୟମୀମା ମଧରେ ସମସ୍ତ ପ୍ରକଳ୍ପଗୁଡିକର ନିର୍ମାଣ କାର୍ଯ୍ୟ ଲୋକଙ୍କ ଆଶା ମୁତାବକ ଶେଷ ହେବ ବୋଲି ଶ୍ରୀ ଦତ୍ତ ସୂଚନା ଦେଇଛନ୍ତି । ଏହି କାର୍ଯ୍ୟକ୍ରମରେ ଗ୍ରାମ୍ୟ ଉନ୍ନୟନ ବିଭାଗ କନିଷ୍ଠ ଯନ୍ତ୍ରୀ ଉପେନ୍ଦ୍ର ବେହେରା ଉପସ୍ଥିତ ଥିଲେ । ଗଙ୍ଗାଧର ରାଉତ, ହରେନ୍ଦ୍ର ପ୍ରଧାନ, ଶଶିକାନ୍ତ ମିଶ୍ର, କାର୍ତ୍ତିକ ପ୍ରଧାନ, ଅତୁଲ ରାଉତ, ସବ୍ୟସାଚୀ ପାଣି, ଉମାକାନ୍ତ ପ୍ରଧାନ, ବିକ୍ରମ ପାକଳ, ଉମାକାନ୍ତ ଦାସ, ତପନ ବେହେରା, ଅଶୋକ ବାରିକ, ପୂର୍ଣ୍ଣଚନ୍ଦ୍ର ବାରିକ, ମାନସ ପାତ୍ର, ଗୟାଧର ନାୟକ, ରଞ୍ଜିତ ସେଠି ପ୍ରମୁଖ ଉପସ୍ଥିତ ରହି ସମସ୍ତ କାର୍ଯ୍ୟ ପରିଚାଳନା କରିଥିଲେ । ଏହି ଶିଳାନ୍ୟାସ କାର୍ଯ୍ୟକ୍ରମ ଗୁଡିକରେ ଶ୍ରୀରାମପୁର ପଂଚାୟତର ଶତାଧିକ ଜନସାଧାରଣ ଯୋଗ ଦେଇଥିଲେ ।

# ରାମ ପ୍ରସାଦ ବିସ୍ମିଲଙ୍କ ଜୟନ୍ତୀରେ ତାଙ୍କୁ ନମନ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୧/୬ (ନି.ପ୍ର): ରାମ ପ୍ରସାଦ ବିସ୍ମିଲଙ୍କ ଜୟନ୍ତୀରେ ତାଙ୍କୁ ନମନ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ଏନେଇ ସୋସିଆଲ ମିଡିଆ ଏକ୍ସରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ମହାନ ବିପ୍ଳବୀ ରାମ ପ୍ରସାଦ ବିସ୍ମିଲଙ୍କ ଜୟନ୍ତୀରେ ଭକ୍ତିପୂତ ପ୍ରଣାମ ।

# ଦୁର୍ଦ୍ଧାନ୍ତ ଅପରାଧୀ ପପୁ ମଲ୍ଲିକକୁ ଏନକାଉଣ୍ଟର

ଭଦ୍ରକ , ୧୧/୬ (ନି.ପ୍ର): ଗ୍ରାମାଞ୍ଚଳ ଥାନା ଅଧିନସ୍ଥ ନୂଆସାହି ଅଞ୍ଚଳରେ ଦୁର୍ଦ୍ଧାନ୍ତ ଅପରାଧୀ ପ୍ରଫୁଲ୍ଲ ମଲ୍ଲିକକୁ ଏନକାଉଣ୍ଟର । କାଲି ରାତିରେ ଭଦ୍ରକରେ ଲୁଟ କରିବା ପାଇଁ ପ୍ରଫୁଲ୍ଲ ଜଣେ ସହଯୋଗୀ ସହ ଯୋଜନା କରୁଥିଲା । ଖବର ପାଇଁ ଚଢ଼ାଉ କରିଥିଲେ ଗ୍ରାମାଞ୍ଚଳ ପୁଲିସ ଓ ଭଦ୍ରକ ଟାଉନ ପୋଲିସ ହେଲେ ପୁଲିସ ଉପରକୁ ଗୁଳି ଚଳାଇ ଫେରାର ହେବାକୁ ଉଦ୍ୟମ କରିବା ସମୟରେ ପୁଲିସ ଏନକାଉଣ୍ଟର କରିଛି । ଏନକାଉଣ୍ଟରରେ ପ୍ରଫୁଲ୍ଲ ଡାହାଣ



ଗୋଡ଼ରେ ଗୁଳି ବାଜିଛି । ଗୁରୁତର ପ୍ରଫୁଲ୍ଲକୁ ଭଦ୍ରକ ମେଡିକାଲରେ ଭର୍ତ୍ତି କରିଛି ପୁଲିସ । ତା ପରେ କଟକ ରେଫର କରିଛନ୍ତି ତାର ସହଯୋଗୀ ଫେରାର ହୋଇ ଯାଇଛି । ବାଲେଶ୍ୱର ଓ ଭଦ୍ରକ ଜିଲ୍ଲାରେ ବିଭିନ୍ନ ଥାନାରେ ୨୨ଟି ଚୋରି ଡକାୟତି ଦାଦା ବାଟି ମାମଲା ରହିଛି ବୋଲି ଝଟ କହିଛନ୍ତି ।

# ବାସୁଦେବପୁର ଠିକାଦାରଙ୍କ କାର୍ଯ୍ୟାଳୟ ଉଦ୍‌ଘାଟିତ

ବାସୁଦେବପୁର, ୧୧/୬ (ନି.ପ୍ର): ବାସୁଦେବପୁର ତାରିଣୀ ଛକ ଠାରେ ବାସୁଦେବପୁର ଠିକାଦାରଙ୍କ ନୂତନ କାର୍ଯ୍ୟାଳୟ ଉଦଘାଟିତ ହୋଇ ଯାଇଛି। ଏହି ନୂତନ ଗୃହ ଉଦଘାଟନ ଉତ୍ସବରେ ଠିକାଦାର ସଂଘର ସଭାପତି ବିଦ୍ୟାଧର ଘଡାଇ, ସଂପାଦକ ରତିକାନ୍ତ ମଲ୍ଲିକ, ଉପ ସଭାପତି ଶ୍ୟାମ ସୁନ୍ଦର ମହାନ୍ତି, କୋଷାଧକ୍ଷ ଇଞ୍ଜିନିୟର ଅଭୟ କୁମାର ପୁହାଣ, ସଦସ୍ୟ ଶଶି ଭୂଷଣ ବାରିକ୍, ନିରଞ୍ଜନ ବାରିକ, ରମାକାନ୍ତ ଘଡ଼େଇ, କାଳନ୍ଦୀ ସାହୁ, ଶାରଦା ପ୍ରସନ୍ନ ମହାନ୍ତି, ଶୈଳେନ୍ଦ୍ର ବାରିକ୍, ଜିତୁ ମହାକୁଡ଼, ହେମନ୍ତ କୁମାର ନାୟକ ପ୍ରମୁଖ ଯୋଗ ଦେଇଥିଲେ। ସମସ୍ତ ଠିକାଦାର ମାନେ ଏକତ୍ର ହୋଇ କାର୍ଯ୍ୟ କରିବେ ଏବଂ ସମସ୍ତଙ୍କ ମଧରେ ମଧୁର ସମ୍ପର୍କ ରହିଲେ ସେମାନେ ଆଗାମୀ ଦିନରେ ସଫଳତା ହାସଲ କରିବା ସହିତ ସମାଜର ଅଧିକ ମଙ୍ଗଳ ହୋଇ ପାରିବ ବୋଲି ଏହି ଦିବସରେ ସଭାପତି ଓ ସମ୍ପାଦକ ମତ ପ୍ରକାଶ କରିଥିଲେ। ବାସୁଦେବପୁରର ବିକାଶ ପାଇଁ ଏହି ସଂଘ ମଧ ଆଗାମୀ ଦିନରେ ଉଦ୍ୟମ ଜାରି ରଖିବ ଏବଂ ଏହି କାର୍ଯ୍ୟାଳୟ ଉଦଘାଟିତ ହେବା ପରେ ସମସ୍ତଙ୍କ ମନରେ ଆନନ୍ଦର ଲହରୀ ଖେଳି ଯାଇଛି।

# ୨୩ କୋଟି ୫୦ ଲକ୍ଷ ଟଙ୍କା ବ୍ୟୟରେ ଭଦ୍ରକ ନେହେରୁ ଷ୍ଟାଡିୟମର ଉନ୍ନତିକରଣ ପ୍ରକଳ୍ପର ଶିଳାନ୍ୟାସ

ଭଦ୍ରକ , ୧୧/୬ (ନି.ପ୍ର): ଭଦ୍ରକ ସହରର ପ୍ରମୁଖ କ୍ରୀଡ଼ା କେନ୍ଦ୍ର ନେହେରୁ ଷ୍ଟାଡିୟମ୍‌ର ବହୁ ପ୍ରତୀକ୍ଷିତ ଉନ୍ନତିକରଣ ଓ ବିକାଶ ପ୍ରକଳ୍ପର ଶିଳାନ୍ୟାସ ଉତ୍ସବ ଆଜି ଆଡ଼ମ୍ବରପୂର୍ଣ୍ଣ ଓ ଉତ୍ସାହପୂର୍ଣ୍ଣ ପରିବେଶରେ ଅନୁଷ୍ଠିତ ହୋଇଯାଇଛି। ପ୍ରାୟ ୨୩ କୋଟି ୫୦ ଲକ୍ଷ ଟଙ୍କା ବ୍ୟୟରେ ଷ୍ଟାଡିୟମ୍‌ର ସମଗ୍ର ଉନ୍ନତିକରଣ କରାଯିବାକୁ ଥିବାବେଳେ ଏହାକୁ ଜିଲ୍ଲାର କ୍ରୀଡ଼ା ଭିତ୍ତିଭୂମି ବିକାଶ କ୍ଷେତ୍ରରେ ଏକ ଐତିହାସିକ ପଦକ୍ଷେପ ବୋଲି କୁହାଯାଇଛିଉଚ୍ଚ ଶିକ୍ଷା, କ୍ରୀଡ଼ା ଓ ଯୁବ ସେବା, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ମାନ୍ୟବର ମନ୍ତ୍ରୀ ଶ୍ରୀ ସୂର୍ଯ୍ୟବଂଶୀ ସୁରଜ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରକଳ୍ପର ଶିଳାନ୍ୟାସ କରିଥିଲେ। ଏହି ଅବସରରେ ଭଦ୍ରକ ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧକ୍ଷ ଶ୍ରୀ ସୀତାଂଶୁ ଶେଖର ମହାପାତ୍ର, ଭଦ୍ରକ ଲୋକସଭା ସାଂସଦ ଶ୍ରୀ




ଅଭିମନ୍ୟୁ ସେଠୀ, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ରବିନାରାୟଣ ସାହୁ, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସରୋଜ କୁମାର ଦତ୍ତ, ଜିଲ୍ଲା କ୍ରୀଡ଼ା ଅଧିକାରୀ ଶ୍ରୀ ଦେବବ୍ରତ ମହାପାତ୍ର ଓ ଏଚଏସସିଏଲ୍‌ର ବରିଷ୍ଠ ଯନ୍ତ୍ରୀ ଶ୍ରୀ ଯତୀନ୍ଦ୍ର ବେହେରାଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ, କ୍ରୀଡ଼ାବିତ୍ ଓ କ୍ରୀଡ଼ାପ୍ରେମୀ ଉପସ୍ଥିତ ଥିଲେ ।ମାନ୍ୟବର ମନ୍ତ୍ରୀ ତାଙ୍କ ବକ୍ତବ୍ୟରେ କହିଥିଲେ ଯେ ଆଧୁନିକ ଖେଳ ସୁବିଧା, ଉନ୍ନତ ଭିତ୍ତିଭୂମି ଓ ଖେଳାଳିମାନଙ୍କ ପାଇଁ ସମସ୍ତ ଆବଶ୍ୟକୀୟ ସୁବିଧା ସହ ନେହେରୁ ଷ୍ଟାଡିୟମ୍‌କୁ ଏକ ଆଦର୍ଶ କ୍ରୀଡ଼ା କେନ୍ଦ୍ରରେ ପରିଣତ କରାଯିବ। ରାଜ୍ୟ ସରକାର କ୍ରୀଡ଼ା କ୍ଷେତ୍ରର ବିକାଶକୁ ସର୍ବାଧିକ ପ୍ରାଥମିକତା ଦେଉଥିବାବେଳେ ଭଦ୍ରକ ସମେତ ପ୍ରତ୍ୟେକ ଜିଲ୍ଲା ଓ ବ୍ଲକ୍‌ରେ କ୍ରୀଡ଼ା ଭିତ୍ତିଭୂମି ସୁଦୃଢ଼ କରିବା ପାଇଁ ପଦକ୍ଷେପ ନିଆଯାଉଛି ବୋଲି ସେ କହିଥିଲେ। ଲୋକସଭା ସାଂସଦ ଶ୍ରୀ ଅଭିମନ୍ୟୁ ସେଠୀ ଜିଲ୍ଲାର କ୍ରୀଡ଼ା କ୍ଷେତ୍ରର ସାମଗ୍ରିକ ବିକାଶ ପାଇଁ ସମସ୍ତଙ୍କ ସହଯୋଗ ଓ ସମନ୍ୱୟର ଆହ୍ୱାନ ଜଣାଇଥିଲେ। ଭଦ୍ରକ ବିଧାୟକ ଓ ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଶ୍ରୀ ସୀତାଂଶୁ ଶେଖର ମହାପାତ୍ର ଏହି ପ୍ରକଳ୍ପକୁ ଭଦ୍ରକର କ୍ରୀଡ଼ା ଇତିହାସରେ ଏକ ମାଇଲଖୁଣ୍ଟ ବୋଲି ଅଭିହିତ କରିଥିଲେ। ପ୍ରକଳ୍ପ ସମ୍ପୂର୍ଣ୍ଣ ହେବା ପରେ ଜିଲ୍ଲାର ଯୁବ ଖେଳାଳିମାନେ ଉନ୍ନତ ପ୍ରଶିକ୍ଷଣ ଓ ପ୍ରତିଯୋଗିତା ସୁବିଧା ପାଇବା ସହ ଭଦ୍ରକ ଏକ ପ୍ରମୁଖ କ୍ରୀଡ଼ା କେନ୍ଦ୍ର ଭାବେ ପରିଚିତ ହେବ ବୋଲି ସେ ଆଶା ପ୍ରକାଶ କରିଥିଲେ ।ଜିଲ୍ଲା କ୍ରୀଡ଼ା ଅଧିକାରୀ ଶ୍ରୀ ଦେବବ୍ରତ ମହାପାତ୍ର ପ୍ରସ୍ତାବିତ ଉନ୍ନତିକରଣ କାର୍ଯ୍ୟ ସମ୍ପର୍କରେ ଆଲୋକପାତ କରି କହିଥିଲେ ଯେ ପ୍ରକଳ୍ପ ମାଧ୍ୟମରେ ଷ୍ଟାଡିୟମ୍‌ରେ ଆଧୁନିକ କ୍ରୀଡ଼ା ଭିତ୍ତିଭୂମି ସୃଷ୍ଟି, ଖେଳ ପଡ଼ିଆର ଉନ୍ନତି ଏବଂ ଖେଳାଳିମାନଙ୍କ ପାଇଁ ଉନ୍ନତ ପ୍ରଶିକ୍ଷଣ ସୁବିଧା ଯୋଗାଇ ଦିଆଯିବ। ଏହା ଜିଲ୍ଲାରେ କ୍ରୀଡ଼ା ପ୍ରତିଭାର ବିକାଶ ଓ ରାଜ୍ୟ ତଥା ଜାତୀୟ ସ୍ତରୀୟ ପ୍ରତିଯୋଗିତା ଆୟୋଜନର ସୁଯୋଗ ସୃଷ୍ଟି କରିବ ବୋଲି ସେ କହିଥିଲେ ।ଆରମ୍ଭରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ରବିନାରାୟଣ ସାହୁ ଅତିଥିମାନଙ୍କୁ ସ୍ୱାଗତ ଜଣାଇଥିବାବେଳେ, ଏଚଏସସିଏଲ୍‌ର ବରିଷ୍ଠ ଯନ୍ତ୍ରୀ ଶ୍ରୀ ଯତୀନ୍ଦ୍ର ବେହେରା ପ୍ରକଳ୍ପର ବୈଷୟିକ ଦିଗ ଓ ଉନ୍ନତିକରଣ ଯୋଜନା ଉପସ୍ଥାପନ କରିଥିଲେ। ଶେଷରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସରୋଜ କୁମାର ଦତ୍ତ ଧନ୍ୟବାଦ ଅର୍ପଣ କରିଥିଲେ। ଶ୍ରୀମତୀ କାଦମ୍ବରୀ କର ଶର୍ମା ସମଗ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida